ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.105 Bhubaneswar Saturday June 04 2022 | ୨୫ତମ ବର୍ଷ ସଂଖ୍ୟା-୧୦୫ ଭୁବନେଶ୍ୱର, ଶନିବାର, ଜୁନ ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ରାଧାରାଣୀଙ୍କ ଅମାନତ ରହିଲାନି: ବିଜେପି ପାଇଁ ସତର୍କ ଘଣ୍ଟି, କଂଗ୍ରେସକୁ ସଞ୍ଜିବନୀ



ଭୁବନେଶ୍ୱର,୩।୬(ପି.ଏନ): ବ୍ରଜରାଜନଗର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି ୬୬୧୨୨ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହେବା ପରେ ରାଜ୍ୟ ରାଜନୀତିରେ ନୂଆ ସମୀକରଣର ସମ୍ଭାବନା ସୃଷ୍ଟି ହୋଇଛି । ୨୦୧୭ ପଂଚାୟତ ନିର୍ବାଚନ ପରଠୁ କଂଗ୍ରେସକୁ ପଛରେ ପକାଇ ବିଜେପି ରାଜ୍ୟରେ ପ୍ରମୁଖ ବିରୋଧୀ ଦଳ ପାଲଟିଥିଲେ ମଧ୍ୟ ବ୍ରଜରାଜନଗର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ରାଧାରାଣୀ ପଣ୍ଡା ନିଜର ଅମାନତ ରଖିବାରେ ସକ୍ଷମ ହୋଇପାରିନାହାନ୍ତି । ଯାହାକି ରାଜ୍ୟ ବିଜେପି ପାଇଁ ସତର୍କ ଘଣ୍ଟି ହୋଇଛି ଓ କଂଗ୍ରେସ ପାଇଁ ଆଶ୍ୱସ୍ତି ଓ ଉତ୍ସାହପ୍ରଦ ଫଳାଫଳ ଆଣିଛି ।ସୂଚନା ଅନୁସାରେ, ବ୍ରଜରାଜନଗର ଉପନିର୍ବାଚନରେ ମୋଟ ୧ଲକ୍ଷ ୫୩ହଜାର ୩୯୮ଟି ବୈଧ ଭୋଟ ମଧ୍ୟରୁ ବିଜେଡି ପ୍ରାର୍ଥୀ ଅଳକାଙ୍କ ସପକ୍ଷରେ ୯୩୯୫୩ ଖଣ୍ଡ, କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲଙ୍କୁ ୨୭୮୩୧ଖଣ୍ଡ ଓ ବିଜେପି ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କୁ ୨୨୬୩୦ଖଣ୍ଡ ଭୋଟ୍ ମିଳିଛି । ଅନ୍ୟ ୮ଜଣ ପ୍ରାର୍ଥୀଙ୍କୁ ସର୍ବମୋଟ ୮୯୮୪ଖଣ୍ଡ ଭୋଟ୍ ମିଳିଛି । ବିଜେଡି ପ୍ରାର୍ଥୀ ଅଳକା ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର କିଶୋର ପଟେଲଙ୍କଠୁ ୬୬୧୨୨ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୫୮(୪) ଅନୁସାରେ ଯଦି କୌଣସି ପ୍ରାର୍ଥୀ ମୋଟ ଭୋଟ(ସବୁ ପ୍ରାର୍ଥୀଙ୍କ ସପକ୍ଷରେ ପଡିଥିବା ଭୋଟ)ର ଏକ ଷଷ୍ଠାଂଶ(୧/୬) ଭୋଟ୍ ପାଇବାରେ ବିଫଳ ରୁହନ୍ତି ତା'ହେଲେ ସମ୍ପୃକ୍ତ ପ୍ରାର୍ଥୀଙ୍କ ଅମାନତ ରାଶି ଜବତ ହେବ । ସେହି ଆଧାରରେ ବ୍ରଜରାଜନଗରରେ ମୋଟ ୧ଲକ୍ଷ ୫୩ହଜାର ୩୯୮ଖଣ୍ଡ ବୈଧ ଭୋଟ୍ ଥିବାବେଳେ ଅମାନତ ରଖିବା ପାଇଁ ୨୫୫୬୬ଖଣ୍ଡ ଭୋଟର ଆବଶ୍ୟକତା ରହିଛି । ମାତ୍ର ବିଜେପି ପ୍ରାର୍ଥୀ ରାଧାରାଣୀଙ୍କ ସପକ୍ଷରେ ୨୨୬୩୦ଖଣ୍ଡ ଭୋଟ୍ ପଡିଛି । ଯାହାକି ସିଧାସଳଖ ତାଙ୍କର ଜମାନତ ରାଶି ଜବତ ହୋଇଥିବା ସ୍ପଷ୍ଟ କରୁଛି । ଆଉ କଂଗ୍ରେସ ପ୍ରାର୍ଥୀ ନିଜର ଜମାନତ ରଖିବାରେ ସକ୍ଷମ ହୋଇଛନ୍ତି । ଆଉ ଏହି ନିର୍ବାଚନୀ ଫଳାଫଳ ହିଁ ରାଜ୍ୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି ଓ ଅସ୍ତିତ୍ୱ ସଙ୍କଟ ଦେଇ ଗତି କରୁଥିବା କଂଗ୍ରେସ ପାଇଁ ସଞ୍ଜିବନୀ ସଦୃଶ ହୋଇଛି ।ସୂଚନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚନ ପରେ ଅନୁଷ୍ଠିତ ଉପନିର୍ବାଚନଗୁଡିକ ଯଥା- ବିଜେପୁର, ବାଲେଶ୍ୱର ଓ ପିପିଲି ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନିଜର ଅମାନତ ରଖିବାରେ ସକ୍ଷମ ହୋଇନଥିବାବେଳେ କେବଳ ତିର୍ତ୍ତୋଲ ଉପନିର୍ବାଚନରେ କଂଗ୍ରେସ ସମ୍ମାନଜନକ ଲଢ଼େଇ ଲଢ଼ିଥିଲା । ଏହି ସମସ୍ତ ଉପନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଭଲ ଭୋଟ୍ ମିଳିଥିଲେ ମଧ୍ୟ କେଉଁଠି ବି ଦଳୀୟ ପ୍ରାର୍ଥୀଙ୍କ ଅମାନତ ଜବତ ହୋଇନଥିଲା । ମାତ୍ର ବ୍ରଜରାଜନଗର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ତଥା ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ଅମାନତ ନରହିବା ଦଳକୁ ଶକ୍ତ ଧକ୍କା ହୋଇଛି । ବ୍ରଜରାଜନଗର ବିଧାନସଭା ଆସନରେ ଗତ ୩ଟି ନିର୍ବାଚନରେ ଲ??ଇ ବିଜେପି ଓ ବିଜେଡି ମଧ୍ୟରେ ହେଉଥିବାବେଳେ ବିଜେପି ପ୍ରାର୍ଥୀଙ୍କୁ ୫୦ହଜାରରୁ ଅଧିକ ଭୋଟ୍ ମିଳି ଆସୁଥିଲା ।ତଥ୍ୟ ଅନୁସାରେ, ବ୍ରଜରାଜନଗର ବିଧାନସଭା ଆସନରୁ ୨୦୦୯ରେ ସୁରେଶ ପୂଜାରୀ ବିଜେପିର ପ୍ରାର୍ଥୀ ହୋଇ ୪୮୮୪୩ ଖଣ୍ଡ ଭୋଟ୍ ପାଇଥିବାବେଳେ ୨୦୧୪ରେ ରାଧାରାଣୀ ପଣ୍ଡା ୫୦୭୩୬ ଖଣ୍ଡ ଭୋଟ୍ ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତେବେ ୨୦୧୯ ନିର୍ବାଚନରେ ରାଧାରାଣୀଙ୍କୁ ୬୮୧୫୩ଖଣ୍ଡ ଭୋଟ୍ ମିଳିଥିଲା ଓ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତି ୮୦୧୫୨ଖଣ୍ଡ ଭୋଟ ପାଇଁ ନିର୍ବାଚିତ ହୋଇଥିଲେ । ପ୍ରଥମଥର ପାଇଁ ବିଜେଡି ୨୦୧୯ ମସିହାରେ ସେହି ଆସନରେ ନିଜର ଖାତା ଖୋଲିଥିଲା । କିନ୍ତୁ ଚଳିତ ଉପନିର୍ବାଚନ ବିଜେପି ପ୍ରାର୍ଥୀଙ୍କୁ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ମିଳିଥିବା ଭୋଟ ପରିମାଣର ଏକ ତୃତୀୟାଂଶ ବି ନମିଳିବା ବିଜେପିର ସାଂଗଠନିକ ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦିଓ ୨୦୧୯ରେ ୭୭.୯ ପ୍ରତିଶତ ମତଦାନ ହୋଇଥିବାବେଳେ ଉପନିର୍ବାଚନରେ ପ୍ରାୟ ୬ ପ୍ରତିଶତ କମ୍ ଭୋଟିଂ ହୋଇଛି । ତଥାପି ବିଜେପି ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିବା ଓ ନିଜର ଅମାନତ ହରାଇବା ବିଜେଡି ପାଇଁ ଯେତିକି ଖୁସି ନଆଣିଛି, ତା' ତୁଳନାରେ ରାଜ୍ୟରେ କଂଗ୍ରେସ ସଂଗଠନକୁ ଜୀବନ୍ୟାସ ଦେବା ସହ ଆଶ୍ୱସ୍ତିକର ହୋଇଛି । ମାତ୍ର ଚଳିତ ଉପନିର୍ବାଚନରେ ଦଳ ନିଜର ଅମାନତ ନରଖିବା ବିଜେପିର ରାଜ୍ୟ ସଂଗଠନକୁ ଶକ୍ତ ଧକ୍କା ଦେଇଛି ।ରାଜନୀତିକ ବିଶ୍ଳେଷକଙ୍କ ମତରେ, ଯଦିଓ ବ୍ରଜରାଜନଗର ଆସନରେ ବିଜେପିର ଭଲ୍ ଭୋଟ୍ ହାର ରହିଥିଲା । ତଥାପି ଚଳିତ ଉପନିର୍ବାଚନରେ ବିଜେପିକୁ କାହିଁକି ଏଭଳି ଶକ୍ତ ଧକ୍କା ମିଳିଲା ଓ ଭୋଟର ମୁହଁ ଫେରାଇ ନେଲେ ତା'ର ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି । ୟୁପିଏ-୧ ଓ ୨ ସରକାର ଅମଳରେ ବିଜେଡିକୁ ମ୍ୟାନେଜ କରିବା ପାଇଁ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ଯେଉଁ ଫର୍ମୁଲା ଆପଣାଇ ରାଜ୍ୟରେ କଂଗ୍ରେସକୁ ତଳିତଳାନ୍ତ କରିଥିଲେ ଏବେ ବିଜେଡି ଅନୁରୂପ ଢଙ୍ଗରେ ବିଜେପି ସହ ସଲାସୁତୁରାରେ ରହିଥିବାରୁ ରାଜ୍ୟବାସୀ ବିଜେପିଠୁ ମୁହଁ ଫେରାଇ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିବାରେ ଲାଗିଛନ୍ତି । ଯାହାର ପ୍ରମାଣ ବ୍ରଜରାଜନଗର ଉପନିର୍ବାଚନରେ ସ୍ପଷ୍ଟ ପ୍ରମାଣିତ ହୋଇଛି । ଏହି ଫଳାଫଳ ପରେ ବି ଯଦି ବିଜେପି ରାଜ୍ୟରେ ନିଜର ସ୍ଥିତି ଓ ସଂଗଠନକୁ ସଜାଡିବା ପାଇଁ ସୁଚିନ୍ତିତ ରଣନୀତି ସହ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ ନକରେ, ତା'ହେଲେ ୨୦୨୪ ସାଧାରଣ ନିର୍ବାଚନ ବେଳକୁ ଦଳକୁ କଂଗ୍ରେସ ଭଳି ରାଜ୍ୟରେ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଆଉ ବିଜେପିକୁ ପଛରେ ପକାଇ କଂଗ୍ରେସ ପୁଣିଥରେ ରାଜ୍ୟରେ ପ୍ରମୁଖ ବିରୋଧୀ ଦଳ ପାଲଟିବାର ସମ୍ଭାବନା ବି ରହିଛି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ।

## ୨ଜଣ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୩।୬(ପି.ଏନ): ରାଜ୍ୟରେ ୨ଜଣ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ ହୋଇଛନ୍ତି । ଦୁଇ ଜଣଙ୍କ ରକ୍ତ ନମୁନା ଏଚ୧ଏନ୧ ପଜିଟିଭ୍ ଆସିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି ।ସେ କହିଛନ୍ତି, ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ପୁରୁଷ ଓ ଜଣେ ମହିଳା ଅଛନ୍ତି । ସେମାନଙ୍କ ବୟସ ଯଥାକ୍ରମେ ୩୮ ଓ ୨୮ ବର୍ଷ । ଉଭୟେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ।ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଆକ୍ରାନ୍ତଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ । ସାଧାରଣତଃ ପ୍ରାକ୍ ମୌସୁମୀ ଋତୁ ଓ ଶୀତ ଦିନେ ସ୍ୱାଇନ୍ ଫ୍ଲୁ ରୋଗ ଦେଖାଯାଏ । ଏହି ସମୟରେ ସ୍ୱାଇନ୍ ଫ୍ଲୁ ହୋଇଥାଏ । ଜ୍ୱର, ଥଣ୍ଡା, କାଶ ଓ ଛିଙ୍କ ଅଧିକ ଦିନ ଲାଗି ରହିବା ସ୍ୱାଇନ୍ ଫ୍ଲୁ ଲକ୍ଷଣ । ଯଦି ଏହି ଲକ୍ଷଣ ଦେଖାଯାଏ, ସେମାନେ ଆଇସୋଲେସନରେ ରୁହନ୍ତୁ । ଭୟଭୀତ ହୁଅନ୍ତୁ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି ।

## ଭିଜିଲାନ୍ସ ଜାଲରେ ଯୋଜନା ଓ ସମନ୍ୱୟ ବିଭାଗ ଅନୁସଚିବ

ଭୁବନେଶ୍ୱର, ୩।୬(ପି.ଏନ): ଭିଜିଲାନ୍ସ ଜାଲରେ ରାଜ୍ୟ ସରକାରଙ୍କର ଜଣେ ଅଣ୍ଡର ସେକ୍ରେଟେରୀ ବା ଅନୁସଚିବ । ଯୋଜନା ଓ ସମନ୍ୱୟ ବିଭାଗର ଅନୁସଚିବ ୩୦ ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ତାଙ୍କ ନାଁ ପୂର୍ଣ୍ଣଚନ୍ଦ୍ର ସାହୁ । ବିଲ୍ କରାଇ ଦେବାକୁ ଏକ କମ୍ପ୍ୟୁଟର ଫାର୍ମ ମାଲିକଙ୍କ ଠାରୁ ଆଜି ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ ।

## ବିଜେଡିର ୩ ରାଜ୍ୟସଭା ପ୍ରାର୍ଥୀ ନିଦ୍ୱନ୍ଦ୍ୱରେ ବିଜୟୀ



ଭୁବନେଶ୍ୱର,୩।୬(ପି.ଏନ) : ରାଜ୍ୟସଭାର ୩ଟି ଆସନ ପାଇଁ ଅନ୍ୟ କେହି ବୈଧ ପ୍ରାର୍ଥୀ ନଥିବାରୁ ବିଜେଡିର ତିନି ପ୍ରାର୍ଥୀ ସୁଲତା ଦେଓ, ମାନସ ରଞ୍ଜନ ମଙ୍ଗରାଜ ଓ ସସ୍ମିତ୍ ପାତ୍ର ରାଜ୍ୟସଭାକୁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେ ଆସନ୍ତା ଜୁଲାଇ ମାସରୁ ରାଜ୍ୟସଭା ସାଂସଦ ଭାବେ ସେମାନଙ୍କ କାର୍ଯ୍ୟକାଳ ଆରମ୍ଭ ହେବ । ଏହି ୩ ସାଂସଦଙ୍କୁ ୬ବର୍ଷ ନିମନ୍ତେ ଖାଲି ହୋଇଥିବା ଆସନରେ ବିଜେଡି ପ୍ରାର୍ଥୀ କରିଥିଲା । ନିର୍ବାଚନ ରିଟର୍ଣ୍ଣିଂ ଅଫିସର ଏହି ୩ ରାଜ୍ୟସଭା ପ୍ରାର୍ଥୀଙ୍କୁ ବିଜୟ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି ।ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଏନ୍ ଭାସ୍କର ରାଓ ଓ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଜୁଲାଇ ୧ରେ ଶେଷ ହେଉଥିବାରୁ ଏହି ୩ଟି ଆସନରେ ନିର୍ବାଚନ ପ୍ରକ୍ରିୟା ଚାଲିଥିଲାଫ ଯାହା ଆଜି ପ୍ରାର୍ଥୀଙ୍କ ବିଜୟ ଘୋଷଣା ସହ ସମାପ୍ତ ହୋଇଛି ।ସେହିପରି ସୁବାସ ସିଂଙ୍କ ଇସ୍ତଫା ପରେ ଖାଲି ହୋଇଥିବା ଗୋଟିଏ ରାଜ୍ୟସଭା ଆସନରେ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଛି । ଏହି ଆସନରେ ନିରଞ୍ଜନ ବିଶିଙ୍କୁ ବିଜେଡି ପ୍ରାର୍ଥୀ କରିଛି । ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଥିବାବେଳେ ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଂଚ୍ ହେବ । ତେବେ ଏହି ଆସନ ପାଇଁ ଅନ୍ୟ କେହି ପ୍ରାର୍ଥୀ ନଥିବାରୁ ଜୁନ ୬ରେ ତାଙ୍କୁ ବିଧିବଦ୍ଧ ବିଜୟୀ ଘୋଷଣା କରାଯିବ ବୋଲି ବିଧାନସଭା ସୂତ୍ରରୁ ଜଣାପଡିଛି ।

## ମାଲକାନଗିରି ତହସିଲରେ ପୁଣି ପଥର କୁଆଁରୀ ଟେଣ୍ଡରକୁ ନେଇ ସନ୍ଦେହ

ମାଲକାନଗିରି, ୩।୬(ପି.ଏନ): ମାଲକାନଗିରି ତହସିଲରେ ପୁଣି ପଥର କୁଆଁରୀ ଟେଣ୍ଡରକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଗନ୍ଧୀପାଲି ସ୍ଥିତ ପଥର କୁଆଁରୀର ଟେଣ୍ଡର ନିମନ୍ତେ ଗତ ଏପ୍ରିଲରେ ବିଜ୍ଞାପନ ବାହାରି ଥିଲା । ଏଥିପାଇଁ ଚାରିଜଣ ଆବେଦନ କରିଥିବା ବେଳେ ଆଜି ଟେଣ୍ଡର ବକ୍ସ ଖୋଲିବାକୁ ଦିନ ଧାର୍ଯ୍ୟ ହୋଇଥିଲା, କିନ୍ତୁ ବକ୍ସ ଖୋଲିବା ପୂର୍ବରୁ ଜଣେ ଆବେଦନକାରି ଟେଣ୍ଡର ପେପର ରହିଥିବା ବନ୍ଦ ଲଫାପାକୁ ନ ଖୋଲିବାକୁ ଲିଖିତ ଭାବେ ତହସିଲଦାରଙ୍କୁ ଦେଇଥିଲେ । ତେଣୁ ଉକ୍ତ ଆବେଦନ ପତ୍ରଟି ଖୋଲା ଯାଇନଥିଲା । ବଳକା ତିନଟି ଲଫାପା ଖୋଲାଯାଇଥିଲା । ଏଠାରେ ପ୍ରଶ୍ନ ଉଠୁଛି, ଯଦି ଆବଶ୍ୟକ ନଥିଲା ତାହାଲେ କାହିଁକି ଆବେଦନ କରିଥିଲେ । ଯଦି ଆବେଦନ କରିଥିଲେ ତେବେ କାହିଁକି ଶେଷ ମୁହୂର୍ତ୍ତରେ ଲଫାପା ନ ଖୋଲିବାକୁ ତହସିଲଦାରଙ୍କୁ ଜଣାଇ ଥିଲେ । ଯାହା ସନ୍ଦେହକୁ ଅଧିକ ଘନୀଭୂତ କରୁଛି ।ତହସିଲଦାରଙ୍କୁ ପଚାରିବାରୁ, ନିୟମ ଅନୁଯାୟୀ ଲଫାପା ଖୋଲାଯାଇନଥିଲା । ବିଡର ଯଦି ଟେଣ୍ଡର ପେପର ଖୋଲିବା ପୂର୍ବରୁ ଲିଖିତ ଦିଅନ୍ତି ତେବେ ଲଫାପା ଖୋଲାଯିବନାହିଁ । କିନ୍ତୁ, ଅତିରିକ୍ତ ଜିଲ୍ଲାପାଳ ବିରସେନ ପ୍ରଧାନଙ୍କୁ ପଚାରିବାରୁ, ଏଭଳି ହୋଇପାରିବନାହିଁ ବୋଲି କହିଛନ୍ତି ।

# ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



## ୰ ସରୋଜିନୀ ମହାପାତ୍ର

କ୍ରିଡାସପୁର, ନୟାଗଡ଼
ତିରୋଧାନ : ୧୫.୦୬.୨୦୨୧

ତୁମର ଆଦର୍ଶ, ସରଳତା, କର୍ମନିଷ୍ଠା, ସ୍ନେହ ଓ ଭଲ ପାଇବା ତଥା ପରକୁ ଆପଣେଇବା ଆମ ସମସ୍ତଙ୍କ ପାଇଁ ଅମର ହୋଇ ରହିବ । ଅନେକ ସ୍ମୃତି... ଅଶ୍ରୁଳ, ତୁମର ପ୍ରତିଟି କାର୍ଯ୍ୟ ଓ ଦାୟିତ୍ୱ ପାଇଁ ତୁମେ ଥିଲାବେଳେ ତୁମର ଆବଶ୍ୟକତା ଆମ ପାଇଁ କେତେ ଗୁରୁତ୍ୱ ଥିଲା ତାହା ଆଜି ହିଁ ଅନୁଭବ କରୁଛୁ । ତୁମର ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ପ୍ରଭୁ ଜଗନ୍ନାଥଙ୍କ ଠାରେ ଭକ୍ତିପୂତ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ଦିଅର-ଡାଃ ଜ୍ଞାନେନ୍ଦ୍ର ମହପାତ୍ର, ଭାଇ: ଯୁଧିଷ୍ଠିର, ନିରଞ୍ଜନ, ଗୋବର୍ଦ୍ଧନ ପାଢ଼ୀ, ଯା : ସଂଯୁକ୍ତା, ନଣନ୍ଦ : ବିଦୁ , ଝିଅ : ଜ୍ୟୋସ୍ନା, ରୀନା, ଟିକିନା, ଅଞ୍ଜନା, କବିତା, ହେନା, ଲୁସି, ମୈତ୍ରୀ, ଜ୍ୱାଇଁ : କୁଞ୍ଜ, ରବି, ଚକ୍ରଧର, ପବିତ୍ର, ଟିକିନା, ଭଣଜା: ଶରତ, ପ୍ରଫୁଲ୍ଲ, ପାପୁ, ଦୀପୁ, ଭାଣେଜି: ବେବି, ଗୀତା, ଲତା, ଟୁସି, ପୁଚ୍‌କି, ଅରୁ, ପୁତୁରା : ଜୁଜୁ, କାଲୁ, ବାବୁଲି, କାଳିଆ, ଭାଲୁ,ମୁନା, ଲୁନା, ପିନା,ଇନ୍ଦ୍ରମଣି, ପୁତୁରା ବୋହୂ: ଟିକିନା, କାବୁଲି, ପ୍ରତିମା,ମିତା, ମିନି, ନମିତା, ଲିକୁ, ସୁନିତା, ରୋମି, ଝିଆରି : ମଞ୍ଜୁ, କ୍ଲେମି, ମିନା, ବେଲ, ରୀତା, ଝିଆରୀ ଜ୍ୱାଇଁ : ଚିତ୍ତ, ଟୁଲୁ, ମନୋଜ, ରାଜୁ, ନାତି ନାତୁଣୀ: ରୀଚା, ପିଙ୍କି, କାହ୍ନା, ଗୁଡ଼ଲି, ଶ୍ୟାମ, କୁମାର, ଓସିନ, ସାନୁ, ଲିପୁ, ମୁନ୍,ମାହି, ଚିନୁ, ଇଶା, ଦିଶା, ନାତୁଣି ଜ୍ୱାଇଁ : ଟିକୁ, ଅବିନାଶ, ସ୍ମୃତି, ସବ୍ୟ, ଅନୁସ, ପ୍ରେମୁ, ନିର୍ଲିପ୍ତ, ଅଣନାତି : କୁନୁ, ଆୟୁଷ,ଶକ୍ତି

ବନ୍ଧୁ, ପରିବାରବର୍ଗ, କ୍ରିଡାସପୁର ଗ୍ରାମବାସୀ, ଆତ୍ମିୟସ୍ୱଜନମାନଙ୍କ ସହ 'ପର୍ଯ୍ୟବେକ୍ଷକ', 'ଦି କଳିଙ୍ଗ କ୍ରୋନିକିଲ' ପରିବାର








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯ୍ୟଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯ୍ୟଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ଷ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ମୁଁ ଭୁବନେଶ୍ୱରର ଗଛ କହୁଚି...



ପଚାଶ ଦଶକରେ ଖଣ୍ଡଗିରି ପାହାଡ କଡରେ, ଟାଙ୍ଗରିଆ ଶୁଖିଲା ଭୂମି ଉପରେ ଆମର ନୂଆ ରାଜଧାନୀ ଭୁବନେଶ୍ୱର ବା ନିୟୁ କ୍ୟାପିଟାଲ ପ୍ରତିଷ୍ଠା ହୋଇଥିଲା । ତତ୍କାଳିନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ହରେକୃଷ୍ଣ ମହତାବ ଏହାକୁ ଚଣ୍ଡିଗଡ ଭଳି ଏକ ଆଦର୍ଶ ସହରରେ ପରିଣତ କରିବାକୁ ମନସ୍ଥ କରିଥିଲେ । ବିଧାନସଭା, ସଚିବାଳୟ, ପିଏମଜି, ଏଜି, ରବିନ୍ଦ୍ରମଣ୍ଡପ, ରିଜର୍ଭ ବ୍ୟାଙ୍କକୁ କେନ୍ଦ୍ରକରି ଭୁବନେଶ୍ୱର ବସ୍ତିରେ ଛୋଟଛୋଟ ଏକ ମହଲା ସରକାରୀ ନିବାସ ନିର୍ମିତ ହୋଇଥିଲା । ତା' ସହିତ ଲାଗିଥିଲା ଅସଂଖ୍ୟ ଗଛ, ଯାହା ଅଳ୍ପଦିନ ପରେ ବଢି ଘନ ଛାୟା ପ୍ରଦାନ ସଙ୍ଗେସଙ୍ଗେ ଜଳବାୟୁକୁ ଶୀତଳ କରୁଥିଲା । ବର୍ଷର ବାର ମାସ କୋକିଳ ରାବୁଥିଲେ, ଅବେଳରେ ମଳୟ ବହୁଥିଲା । ଅନେକ ସାହି ଲୋକ ଛାଇରେ ବସି ତାସ ଖେଳୁଥିଲେ । ଗଛ ମୂଳେ ତ୍ରିନାଥ ମେଳା ହେଉଥିଲା । ବୃକ୍ଷର ଏଭଳି ସୁନ୍ଦର ବୃଦ୍ଧି ଅନ୍ୟ ସହରରେ ଦେଖାଯାଏନା । ସେଦିନର ଲଗାଯାଇଥିବା ଫଳଗଛ କିପରି ପ୍ରଚୁର ଫଳ ଦେଉଛି ତାହା ଆଜି ସମସ୍ତେ ଦେଖୁଛନ୍ତି । ଜଣେ ବନ୍ଧୁଙ୍କ ପଣସ ଗଛରେ ୩୦୦ ପଣସ ଫଳ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେହି ରାଜଧାନୀର ମଧ୍ୟଭାଗରେ ତିଆରି ହୋଇଥିଲା ଏମଏଲ କଲୋନି, ମନ୍ତ୍ରୀ ନିବାସ ଓ ଆଇଏଏସ ଅଫିସରଙ୍କ ବଙ୍ଗଳା । ସବୁଗୁଡିକ ଏକ ମହଲା ବା ଅଳ୍ପ କେତେକ ଦୁଇମହଲା । ଗଛ ଓ ଫୁଲ ବଗିଚାରେ ଗ୍ରାମ୍ୟ ପରିବେଶ ପ୍ରଦାନ କରୁଥିଲା । ଭୁବନେଶ୍ୱରକୁ ଦୁଃଖ ଜଣାଇବାକୁ ଆସୁଥିବା ଲୋକ ଗଛ ଛାଇରେ ଗାମୁଛା ପକାଇ ଟିକେ ଶାନ୍ତିରେ ଶୋଉଥିଲା । ଏବେ ସରକାର ପୁରୁଣା ଏମଏଲଏ କଲୋନୀକୁ ଭାଙ୍ଗି ତା' ସ୍ଥାନରେ ୧୧ ତାଲା ବିଶିଷ୍ଟ ବହୁତଳ ବିଧାୟକ ନିବାସ ୭୦୦ କୋଟି ଟଙ୍କା ବ୍ୟୟରେ ସ୍ଥାପନ କରିବାକୁ ସ୍ଥିର କରିଛନ୍ତି । ସେଥିପାଇଁ ଜଙ୍ଗଲ ବିଭାଗ ପ୍ରାୟ ୭୦୦ଟି ପୁରୁଣା ବୃହତ୍ ବୃକ୍ଷ କାଟିବା ପାଇଁ ଅନୁମତି ଦେଇସାରିଛନ୍ତି । ସେହି ଆଦେଶ ବଳରେ ଓଏଫଡିସି ପ୍ରାୟ ୩୦୦ ଗଛ କାଟି ସାରିଲାଣି । ସେହି ସ୍ଥାନରେ ଆଗରୁ ଛାୟା ଶୀତଳ ପରିବେଶ ରହୁଥିଲା । ଅନେକ ଛାତ୍ର ଗଛମୂଳେ ପାଠ ପଢୁଥିବାର ସ୍ମୃତି ଲୋକେ ପ୍ରକାଶ କରୁଛନ୍ତି । ସେହି ଗଛଗୁଡିକ କଟା ଗଲା ପରେ ସ୍ଥାନଟି ଶ୍ମଶାନ ଭଳି ଦେଖାଯାଉଛି । ସାରାବିଶ୍ୱରେ ଯେତେବେଳେ ପରିବେଶର ରକ୍ଷା ପାଇଁ ବୃକ୍ଷର ରକ୍ଷା କରାଯାଉଅଛି, ଆମ ରାଜଧାନୀ ସ୍ମାର୍ଟ ସିଟିରେ ବିକାଶ ନାଁରେ ପୁରାତନ ବୃକ୍ଷ କାଟିଦେବା ହୃଦୟବିଦାରକ । ଜଗନ୍ନାଥ ଭୂମିରେ ଯେଉଁଠି ଦାରୁ ରୂପରେ ମହାପ୍ରଭୁ ବିଦ୍ୟମାନ, ସେଠାରେ ଏ ବିଚାର ବିଭ୍ରାଟ କାହିଁକି ? କେତେ ପ୍ରଗତି ଆମର ଦରକାର ? ବହୁତଳ ମଲ ପାଇଁ କେତେ ଗରିବ ବସ୍ତି ଉଚ୍ଛେଦ କରିବା ? କେତେ ଯାଗା ଆମର ଷ୍ଟାଡିଅମ, ପାର୍କ, ଆଠ ଲେନ ରାସ୍ତା ପାଇଁ ଦରକାର, ଆମକୁ ସୁଖ ଦେବା ପାଇଁ ? ସମୟ ଆସିଛି, ଏ ସବୁର ସୀମା ଚିହ୍ନଟ ପାଇଁ । ଆମପାଇଁ ସାଢେ ତିନିହାତ ଜମି, ଛଅ ଖଣ୍ଡ କାଠି ଦରକାର ଏ କଥା ଭୁଲୁଚୁ କିପରି ?





ଏ ସମ୍ବନ୍ଧରେ ୧୭୩୦ ମସିହା ସେପ୍ଟେମ୍ବର ୧୨ ତାରିଖ ଦିନ ପ୍ରାଚୀନ ଦେଶୀୟ ରାଜ୍ୟ ଯୋଧପୁରର ଖେଜାରେଲି ଠାରେ ଯେଉଁ ମର୍ମନ୍ତୁଦ ଘଟଣା ଘଟିଥିଲା ତାହା ଅବତାରଣା କରୁଛି । ବୃକ୍ଷକୁ କୁରାଢୀ ମୁହଁରୁ ରକ୍ଷାକରିବା ପାଇଁ ୩୬୩ ଜଣ ବିସନୋଇ ସଂପ୍ରଦାୟର ବ୍ୟକ୍ତି ଜୀବନ ଦେଇଥିଲେ । ସେ ଘଟଣାରେ ମଧ୍ୟ ନୂଆ ରାଜଉଆସ ତିଆରି ପାଇଁ ରାଜା ଅଭୟ ସିଂ ନିଜ ସୈନ୍ୟଙ୍କୁ ଖେଜାରେଲି ଗ୍ରାମକୁ ପଠାଇଥିଲେ କାଠ ସଂଗ୍ରହ ପାଇଁ । ସୈନ୍ୟମାନେ ଗଛ କାଟିବାକୁ ଗଲା ବେଳେ ଅମୃତା ଦେବୀ ନାମକ ଜଣେ ମହିଳା ଗଛକୁ କୁଣ୍ଢେଇ ଧରି ସୈନ୍ୟମାନଙ୍କୁ କହିଲା, "ଗଛ କାଟିବା ସେମାନଙ୍କ ଧର୍ମରେ ପାପ । ଯଦି ସେମାନେ କାଟିବାକୁ ଚାହାଁନ୍ତି, ତାହାହେଲେ ତାକୁ କାଟିଲା ପରେ ଗଛ କାଟିପାରନ୍ତି ।" ଏତିକି କହି ସେ ଗଛକୁ ଜାବୁଡି ଧରିଲା । ସୈନ୍ୟମାନେ ତା' ଶରୀରକୁ କାଟିଦେଲେ । ସାଙ୍ଗେସାଙ୍ଗେ ଅନ୍ୟ ଜଣେ ବିସନୋଇ ତା' ସ୍ଥାନ ନେଲା । ଏମତି ୩୬୩ ଜଣ ନିଜ ପ୍ରାଣଦାନ କରିଥିଲେ ବୃକ୍ଷଙ୍କ ରକ୍ଷା ପାଇଁ । ଏ ଖବର ରାଜା ପାଇ ଅନୁତାପ କରି ବୃକ୍ଷକଟା ବନ୍ଦ କରିଥିଲେ ।



ବିସନୋଇମାନେ ଥର ମରୁଭୂମି ନିକଟରେ ବାସ କରନ୍ତି । ସେମାନେ ବୈଷ୍ଣବ ଧର୍ମପ୍ରଚାରକ ସ୍ୱାମି ଜମ୍ଭେଶ୍ୱରଙ୍କ ଶିଷ୍ୟ ଓ ଅହିଂସାକୁ ବ୍ରତ ବୋଲି ଗ୍ରହଣ କରିଥାଆନ୍ତି । ବନ୍ୟପ୍ରାଣୀ ଓ ବୃକ୍ଷ ସଂରକ୍ଷଣରେ ସେମାନଙ୍କର ନିଷ୍ଠା ବିଶ୍ୱରେ ପ୍ରଶଂସିତ ହୋଇଛି । ଓଡିଶାରେ ଯେଉଁ ଆନ୍ଦୋଳନ ବୃକ୍ଷକଟା ବନ୍ଦ ପାଇଁ ହୋଇଚି, ସେଥିରେ ଖେଜାରେଲିର ଆତ୍ମୋତ୍ସର୍ଗ ଭାବନା ଅଛିକି ?... ନା କେବଳ ନିଜର ପ୍ରଚାର ପାଇଁ ଏହା ଆରମ୍ଭ ହୋଇଚି ? ପ୍ରାୟ ୩୦୦ ଗଛ କଟାହେଲା ପରେ ଆମ ବୃକ୍ଷପ୍ରେମୀଙ୍କ ନିଦ ଭାଙ୍ଗିଚି ?... ପୁରୀରେ ମଧ୍ୟ ମଠ ଭାଙ୍ଗିଲା ପରେ ଯେପରି ଆନ୍ଦୋଳନ ଚାଲିଚି, କେବଳ ପ୍ରଚାରସର୍ବସ୍ୱ ବୋଲି ଲୋକେ ବୁଝିଲେଣି । ସେଥିପାଇଁ ଆମର କୌଣସି ଆନ୍ଦୋଳନ ସଫଳ ହେଉନାହିଁ । ଆନ୍ଦୋଳନ ନେତାମାନେ ଥୋପ ପାଇ କିପରି ସ୍ୱାଭିମାନକୁ ବିକି ମଇଦାନ ଛାଡି ପଳାନ୍ତି, ତାହାର ଭୂରିଭୂରି ପ୍ରମାଣ ଲୋକେ ଦେଖିଛନ୍ତି ।

ମହାନଦୀରେ ବହୁଥିବା ୮୦ ଶତକଡା ଜଳକୁ ଆମେ ସମୁଦ୍ରକୁ ଛାଡି ଦେଉଚୁ । ଏଭଳି କ୍ଷେତ୍ରରେ ଯେତେ ମହାନଦୀ ବଂଚ-ାଅ ଆନ୍ଦୋଳନ କଲେ, ନିଜର ପ୍ରତି ଜଳକଣାକୁ ବ୍ୟବହାର କରିବାରେ ସଫଳ ହୋଇଥିବା ପଡୋଶୀ ଛତିଶଗଡ ରାଜ୍ୟକୁ କେଉଁ କୋର୍ଟ ଆକଟ କରିବ ? ଭୁବନେଶ୍ୱରର ସବୁଜ ବଳୟ ରକ୍ଷାକରିବା ପ୍ରତ୍ୟେକ ନଗର ଅଧିବାସୀର କର୍ତବ୍ୟ । ଭୁବନେଶ୍ୱର ଦେଶର ଦ୍ୱିତୀୟ ଉତପ୍ତ ସହର । ରାସ୍ତା ପ୍ରଶସ୍ତିକରଣ ନାମରେ ଆଗରୁ ଅନେକ ବୃକ୍ଷ କଟାଯାଇଚି । ଆଉ ଗଛ କଟାଯିବା ଆତ୍ମଘାତି ହେବ । ଆମେ ସବୁଆଡେ ଲେଖୁଚୁ-"ବୃକ୍ଷ ହିଁ ଜୀବନ, ବୃକ୍ଷ ଆମର ବାସ୍ତବ ବନ୍ଧୁ, ଲୋକଟିଏ ଗଛଟିଏ ।" ଶେଷ ମୁହୂର୍ତରେ ହେଲେ ମଧ୍ୟ ସରକାର ନିଜ ବିଚାରର ପୁନର୍ବିଚାର କରି ଲୋକମତକୁ ସମ୍ମାନ ଦେଇ ବୃକ୍ଷକଟାକୁ ବନ୍ଦ କରିବେ ବୋଲି ବିଶ୍ୱାସ କରାଯାଏ ।



*"ଦେଶର ଉନ୍ନତି କରିବ କି ଭାଇ ସ୍ୱାର୍ଥେ ବିଜଡିତ ଯାର ମନ, କୁକୁର ଶାଗୁଣା ଚିକିତ୍ସକ ହେଲେ ରୋଗୀ କି ପାଏ ଜୀବନ?"*

**ଡାଃ ସୁରେନ୍ଦ୍ର ନାଥ ଦାଶ**
*ଉମରକୋଟ, ନବରଙ୍ଗପୁର,*
*ମୋ: ୯୪୩୭୨୩୫୩୮୬*

# ମୋବାଇଲ ଟାୱାର ବିପଦ



ରାଜଧାନୀରେ ଗଜ଼ିଉଠୁଥିବା ମୋବାଇଲ ଟାୱାରଗୁଡ଼ିକ ଏବେ ନିୟନ୍ତ୍ରଣ ବାହାରେ । କମ୍ପାନୀଗୁଡ଼ିକ ବେଆଇନ ଟାୱାର ନିର୍ମାଣ କରିଚାଲିଛନ୍ତି । ଜନବହୁଳପୂର୍ଣ୍ଣ ଅଞ୍ଚଳକୁ ବାଦଦେଇ ସହର ବାହାରେ ଉଚ୍ଚ ଟାୱାର ନିର୍ମାଣ କରିବା କଥା । କିନ୍ତୁ ବିଭିନ୍ନ ଛାତରେ ଛୋଟ ଟାୱାର ନିର୍ମାଣ କରି ଲୋକଙ୍କୁ ବିପଦ ମୁହଁକୁ ଠେଲିବାକୁ ମିଳିମିଶି ଉଦ୍ୟମ ଆରମ୍ଭ ହୋଇଛି । ଏ ବାବଦରେ ଜିଲ୍ଲା ପ୍ରଶାସନ ଜାଣି ମଧ ଟାୱାର ତିଆରି କରୁଥିବା କମ୍ପାନୀଙ୍କ ପ୍ରିତୀଯୋଗୁଁ ସାମାଜିକ ଦାୟିତ୍ୱବୋଧ ଭୁଲିବା ଅନେକ ଘଟଣାକ୍ରମକୁ ସ୍ପଷ୍ଟ କରୁଛି । କମ୍ପାନୀମାନଙ୍କ ମୋବାଇଲ ଫୋନ ମାଧ୍ୟମରେ ଯୋଗାଯୋଗର ସୁବିଧା ପାଉଛନ୍ତି ଲୋକେ । ଅନ୍ୟପଟେ ଏନେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ମଧ ହେଉଛନ୍ତି । ଭଲ ଫୋନ ସେବା ସହିତ କ୍ଷତିକାରକ ବିକିରଣ ରଶ୍ମିକୁ ପ୍ରତିରୋଧ କରିବା ଟାୱାର କମ୍ପାନୀମାନଙ୍କ କର୍ତ୍ତବ୍ୟ । କିନ୍ତୁ ଖୋଦ ରାଜଧାନୀରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ବିଏମସି ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜଧାନୀରେ ୫୨୨ଟି ଟାୱାର ରହିଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ଯେ କେହି ସାଧାରଣ ଲୋକ ଦେଖିଲେ ଜାଣିପାରିବ । ଟାୱାର ନିର୍ମାଣ ପାଇଁ ଅନେକ ନିୟମ ପ୍ରସ୍ତୁତ ହେଉଥିଲେ ମଧ ଏହାକୁ ଅଣଦେଖା କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ଟାୱାରଗୁଡ଼ିକ ବେଆଇନ ହିସାବରେ ନିର୍ମାଣ ହୋଇଥିଲେ ମଧ ପ୍ରଶାସନ ପାଖରେ ଏନେଇ ଖବର ନାହିଁ । ଏହାକୁ ନେଇ ଲୋକେ ଚିନ୍ତାରେ ପଡ଼ିଥିବା ବେଳେ ଲାଇସେନ୍ସ ଦେଇଥିବା ଅଧିକାରୀ ଓ କମ୍ପାନୀଙ୍କ ସଲାସୁତୁରା ଘଟଣା ପ୍ରସଙ୍ଗକୁ ଜଟିଳ କରୁଛି । ବେଆଇନ ଟାୱାର ନିର୍ମାଣରେ ରାଜ୍ୟର ରାଜସ୍ୱ କ୍ଷତି ହେଉଥିବା ସମୟରେ ବିଭାଗୀୟ ଅଧିକାରୀମାନେ ଚୁପ ହୋଇ ବସିଛନ୍ତି ।



କିନ୍ତୁ ଯେଉଁଭଳି ଭାବେ ଛତୁ ଫୁଟିଲା ପରି ବେଆଇନ ଟେଲିକମ୍ ଟାୱାର ନିର୍ମାଣ ଚାଲିଛି, ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି । ପକ୍ଷୀ, କୋମଳମତି ଶିଶୁ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଏବଂ ସାଧାରଣ ଲୋକେ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ଶିଶୁଙ୍କ କୋମଳ ମସ୍ତିଷ୍କ ଭିତରକୁ ବୈଦ୍ୟୁତିକ ବିକିରଣ ସହଜରେ ପ୍ରବେଶ କରି ବ୍ୟାପକ କ୍ଷତି କରୁଛି । ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ମଧ ଅନୁରୂପ ସମସ୍ୟା ସୃଷ୍ଟି କରୁଛି । ଗର୍ଭବତୀ ମହିଳା, ଶିଶୁମାନଙ୍କ ମାନସିକ ଏବଂ ଶାରିରୀକ ସ୍ଥିତି ବିଗିଡ଼ିବା ସାଙ୍ଗକୁ ସ୍ମରଣ ଶକ୍ତି ହ୍ରାସ ପାଉଛି । ପେଟଜନିତ ରୋଗ ସୃଷ୍ଟି ହେବା ସହ ଏକାଗ୍ରତା ରହିବାରେ ବାଧା ଉପୁଜୁଛି । ମୋବାଇଲ ଫୋନ ବ୍ୟବହାର ଦ୍ୱାରା ହେଉଥିବା କ୍ଷତି ସମ୍ପର୍କରେ କେନ୍ଦ୍ର ଯୋଗାଯୋଗ ଏବଂ ସୂଚନା ମନ୍ତ୍ରଣାଳୟ ପକ୍ଷରୁ ଗଠନ କରାଯାଇଥିବା ଆନ୍ତଃମନ୍ତ୍ରଣାଳୟ କମିଟି ଗବେଷଣାରୁ ଏହା ଜଣାପଡୁଛି । ମୋବାଇଲ ଟାୱାରର ଅତି ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରିବା ଅତି ବିପଜ୍ଜନକ । ସବୁଠାରୁ ବଡ଼କଥା ହେଲା ମୋବାଇଲ ଫୋନ ଦ୍ୱାରା ବୈଦ୍ୟୁତିକ ଓ ଚୁମ୍ବକୀୟ କ୍ଷେତ୍ର କର୍କଟ, ମସ୍ତିଷ୍କ ଟ୍ୟୁମର ଭଳି ମାରାତ୍ମକ ରୋଗ ସୃଷ୍ଟି କରୁଛି । ଯେଉଁଠି ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ଚିନ୍ତା କରାଯିବ ସେ ସ୍ଥାନରୁ ୧୦୦ ମିଟର ବ୍ୟାସାର୍ଦ୍ଧ ଭିତରେ ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଏବଂ ଘରୋଇ ବସ୍ତି ନଥିବା ନିୟମ ରହିଛି । ଘରୋଇ ଅଞ୍ଚଳକୁ ବାଦ ଦେଲେ ଟାୱାର ନିର୍ମାଣ ହୋଇ ପାରୁନି ସେ କ୍ଷେତ୍ରରେ କେତେକ କୋହଳ ନିୟମ ବ୍ୟବସ୍ଥା ରହିଛି । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଫାଙ୍କା ସ୍ଥାନରେ ଟାୱାର ପ୍ରତିଷ୍ଠା ପାଇଁ ଅନୁମତି ଦିଆଯାଇପାରେ ବୋଲି କେନ୍ଦ୍ରୀୟ ଗାଇଡ଼ଲାଇନରେ ଉଲ୍ଲେଖ ରହିଛି । ଏହି କୋହଳ ନିୟମକୁ ଆଧାର କରି କମ୍ପାନୀମାନେ ଟାୱାର ବିଭିନ୍ନ ଅଞ୍ଚଳରେ ସ୍ଥାପନ କରୁଛନ୍ତି । ବିକିରଣ ପ୍ରତିରୋଧକ ଉପକରଣ ଯନ୍ତ୍ର ତିଆରି କରୁଥିବା କମ୍ପାନୀଗୁଡ଼ିକର ଯନ୍ତ୍ରର ଦାମ ଉଚ୍ଚାଥିବାରୁ ଟାୱାର କମ୍ପାନୀ ଏହାକୁ ବ୍ୟବହାର କରୁନାହାନ୍ତି । କେତୋଟି ଟାୱାରରେ ଲୋକଦେଖାଣିଆ ଭାବରେ ନକଲି ଯନ୍ତ୍ର ଲଗାଇ ଜନସାଧାରଣଙ୍କୁ ଠକୁଛନ୍ତି । ରାଜଧାନୀରେ ଏହି ଯନ୍ତ୍ରଗୁଡ଼ିକ ପରୀକ୍ଷା କରାଯାଉ ନାହିଁ । ସର୍ବପ୍ରଥମେ ଜନବସତି, ମେଡ଼ିକାଲ ଏବଂ ଶିକ୍ଷାନୁଷ୍ଠାନ ନିକଟରେ ବେଆଇନ ଭାବେ ଗଢ଼ି ଉଠିଥିବା ମୋବାଇଲ ଟାୱାର ଗୁଡ଼ିକୁ ଉଚ୍ଛେଦ କରାଯିବା ଜରୁରୀ ।

ଦିଲ୍ଲୀ, ବମ୍ବେ, ହାଇଦ୍ରାବାଦ ଭଳି ଅନେକ ସହରରେ ଘରୋଇ ଅଞ୍ଚଳରେ ଟାୱାର ପ୍ରତିଷ୍ଠା ଉପରେ ନିଷେଧାଦେଶ ଜାରି କରାଯାଇଛି । କିନ୍ତୁ ଭୁବନେଶ୍ୱରରେ ଏହି ଟାୱାର ନିର୍ମାଣ ପାଇଁ ଅହେତୁକ ଆଗ୍ରହ ବିସ୍ମୟ ସୃଷ୍ଟି କରୁଛି । ଟାୱାର ପ୍ରତିଷ୍ଠା ପାଇଁ ଜମି ଦେବାକୁ ଲୋକଙ୍କ ମଧରେ ପ୍ରତିଯୋଗିତା ହେଉଛି । ନିଜ ଜାଗାରେ ଟାୱାର ନିର୍ମାଣ ହୋଇଗଲେ ମାସିକ ୫ରୁ ୭ ହଜାର ଟଙ୍କା ମିଳିବାର ଲୋଭ ଲୋକଙ୍କୁ ବିପଦମୁଖୀ କରିଦେଉଛି । ରାଜଧାନୀରେ ୫୨୨ଟି ଟାୱାର ରହିଥିବା ବେଳେ ଅନେକ ଟାୱାର ବେଆଇନ ହିସାବରେ ଚାଲିଛି । ଏନେଇ କର୍ତ୍ତୃପକ୍ଷ ପାଖରେ ସୂଚନା ନାହିଁ । କେତେକ କମ୍ପାନୀମାନଙ୍କ ଲାଇସେନ୍ସ ଅବଧି ଶେଷ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ନବୀକରଣ ନ ହୋଇ ଚାଲିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ବେନିୟମ ଟାୱାରଗୁଡ଼ିକୁ ସେସୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଉଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜଧାନୀରେ ନିର୍ମାଣ ହୋଇଥିବା ଟାୱାରଙ୍କ ସଂଖ୍ୟା - ଏଟିସି ଇଣ୍ଡିଆ ଟାୱାର କର୍ପରୋସନ ପକ୍ଷରୁ ୪୫ଟି, ଏଟିସି ଟେଲିକମ୍ ଟାୱାର କର୍ପୋରେସନ ୨୬ଟି, ଏଟିସି ଟ୍ରାନ୍ସକେଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡର ୧ଟି, ୮୫ଟି ଭୋଡ଼ାଫୋନ ୱେଶଟେଲ ଲିମିଟେଡର ୮୧ଟି, ଆଇଡିଆ ସେଲୁଲାର ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ ୨୪ଟି, ରିଲାୟନ୍ସ ଇନ୍‌ଫ୍ରାଷ୍ଟକଚର ଲିମିଟେଡ ୮୫ଟି, ଭାୟୋମ୍ ନେଟଓ୍ୱର୍କର ୧୦୫ଟି, ଟାୱାର ଭିଜନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ୪ଟି, ଚେନ୍ନାଇ ନେଟୱାକ ଇନଫ୍ରାଷ୍ଟ୍ରକଚର ଲିମିଟେଡ ୧୫ଟି, ରିଲାୟନ୍ସ ଜିଓଇନ୍ଫୋକମ୍ ଲିମିଟେଡ ୪୨ଟି ଟାୱାର ରହିଛି । ଏହି ଟାୱାର ମାନଙ୍କ ମଧରୁ ରୁଫ୍ ଟପ୍ ଟାୱାର ରହିଛି ୩୩୩ଟି । ରୁଫ୍ ଟପ୍ ପୁଲ ୪୦ଟି ରହିଥିବାବେଳେ ଗ୍ରାଉଣ୍ଡ ବେସଡ୍ ଟାୱାର (ଜି.ବି.ଟି.) ୧୪୯ଟି ରହିଛି । ଏହି ଟାୱାରଗୁଡ଼ିକୁ ୩ ବର୍ଷରେ ଥରେ ରିନ୍ୟୁ କରାଯାଏ । ଏନେଇ ବିଏମସି ପ୍ରାୟ ୧୮ ହଜାର ଟଙ୍କା ନେଇଥାଏ । କିନ୍ତୁ ଏ ବର୍ଷ ଠାରୁ ପ୍ରତ୍ୟେକ ଟାୱାର ପିଛା ୩ଲକ୍ଷ ଆଦାୟ କରାଯିବ ବୋଲି ବିଏମସି ଡେପୁଟି କମିଶନର ଶୁଭ୍ରାଂଶୁ ମିଶ୍ର କହିଛନ୍ତି । ବନ୍ୟା, ବାତ୍ୟା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଟାୱାରଗୁଡ଼ିକ ଭୁଷୁଡ଼ି ପଡୁଛି । ଏଥିପାଇଁ ଲୋକମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ଉଚ୍ଚା ଟାୱାର ନିର୍ମାଣ କରିବା ପାଇଁ ଅଧିକା ଅର୍ଥ ଖର୍ଚ୍ଚ ହେଉଥିବାରୁ କମ୍ପାନୀମାନେ କମ୍ ଖର୍ଚ୍ଚରେ ବଡ଼ ବଡ଼ କୋଠାରେ ଛାତ ଉପରେ ଟାୱାର ନିର୍ମାଣ କରୁଛନ୍ତି । ଏହାଦ୍ୱାରା ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି । ଆହୁରି ମଧ କମ୍ ଉଚ୍ଚା ଟାୱାରରେ ଏକ କ୍ଷତିକାରକ ବିକିରଣ ରଶ୍ମି ବାହାରୁଥିବାରୁ ଏହା ଯୋଗୁଁ ଲୋକମାନେ ହଇରାଣ ହେଉଛନ୍ତି । ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମି ଦିନରେ ମାନବ ସମାଜ ପ୍ରତି ବଡ଼ ବିପଦ ସୃଷ୍ଟି ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

**-ବିପିନବିହାରୀ ରାଉତ**
**ଶ୍ରୀବିହାର କଲୋନୀ, କଟକ, ଦୂରଭାଷ: ୯୪୩୭୬୬୬୪୫୩, E-mail : bipinrout@rediffmail.com**

## ସୁରକ୍ଷା ଲୋଡ଼ୁଛି ଦୟା: ବ୍ରିଜ୍ ପାର୍ଶ୍ୱରେ ତାରଜାଲିର ବାଡ଼ ତିଆରି ପାଇଁ ଦାବୀ



ଭୁବନେଶ୍ୱର (ପିଏନ୍): ଇତିହାସ କୁହେ ପ୍ରତିଟି ସଭ୍ୟତାର ମୂଳ ଆଧାର ହେଉଛି ନଦୀ । ଯେଉଁ ଦେଶ ଓ ରାଜ୍ୟ ଦେଇ ନଦୀଟି ବହି ଯାଇଥାଏ ସମ୍ପୃକ୍ତ ଅଞ୍ଚଳର ତାହା ଜୀବନରେଖା । ପାଲଟିଥାଏ । ଏବେ କିନ୍ତୁ ତାହା ବିପଦରେଖା ପାଲଟି ଯାଇଛି । ଏବେ ଦେଖିବାକୁ ମିଳୁଛି ଲୋକେ ରାତି ପାହିଲେ ବ୍ରିଜ୍ ଉପରୁ ନଦୀ ଗର୍ଭକୁ ଫିଙ୍ଗି ଚାଲିଛନ୍ତି ବର୍ଜ୍ୟବସ୍ତୁ । ମଳା ଲୋକର ପ୍ୟାଣ୍ଟ, ସାର୍ଟ, ଗଣ୍ଡା, ତକିଆ, ମୃତଲୋକର ବ୍ୟବହୃତ ବଳକା ମେଡ଼ିସିନ୍‌ଠାରୁ ଆରମ୍ଭ କରି ପୂଜା, କର୍ମକାଣ୍ଡ ପରେ ବାହାରୁଥିବା ବର୍ଜ୍ୟକୁ ବି ଲୋକେ ନିର୍ଭୟରେ ଫିଙ୍ଗି ଆତ୍ମଶୁଦ୍ଧିର ବାହାନା ଦେଖାଉଛନ୍ତି । ନଦୀକୂଳରେ ଦେଖିବାକୁ ମିଳୁଛି କୁଢ କୁଢ ଆବର୍ଜନା । ପାଣିର ରଙ୍ଗ କଳା ପଡ଼ିଗଲାଣି । ସଂପ୍ରତି ମଣିଷଠାରୁ ନଦୀ ସୁରକ୍ଷା ଲୋଡ଼ୁଛି । ଏ ହେଉଛି ଆମ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଦେଇ ବହିଯାଇଥିବା ଦୟା ନଦୀର କଥା । ନଦୀ ଭିତରେ ଆବର୍ଜନାକୁ ନେଇ ପରିବେଶବିତ୍ ସୁଶାନ୍ତ ସାହୁ ଚିନ୍ତା ପ୍ରକଟ କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ପୁରୁଖା ଲୋକ କୁହନ୍ତି ଦିନ ଥିଲା ଏ ନଦୀର ଜଳକୁ ରୋଷେଇ କାର୍ଯ୍ୟଠୁ ଆରମ୍ଭ କରି ପାନୀୟ ରୂପେ ନିର୍ଭୟରେ ଲୋକେ ବ୍ୟବହାର କରୁଥିଲେ । ଏବେ କିନ୍ତୁ ଜଳ ଜହର ପାଲଟି ଗଲାଣି । ଜଳକୁ ଦେଖିଲେ ଡ଼ର ମାଡ଼ୁଛି । ଲୋକେ ନିଜ ଗୋଡ଼କୁ ନିଜେ କୁରାଢୀ ମାରିବା ପରି କାର୍ଯ୍ୟ କରୁଛନ୍ତି । ଲୋକେ ଫିଙ୍ଗୁଥିବା ବର୍ଜ୍ୟଗୁଡ଼ିକୁ ରୋକିବା ପାଇଁ କୌଣସି ବ୍ୟବସ୍ଥା ନା କଟକଣା ରହିଛି ! ଯଦ୍ୱାରା ନଦୀଜଳ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା । ତୁରନ୍ତ ବିଭାଗୀୟ ଅଧିକାରୀ ତତ୍ପରତା ପ୍ରକାଶ କରି ବ୍ରିଜ୍ ପାର୍ଶ୍ୱରେ ତାର ଜାଲି ଲଗାଇବାର ବ୍ୟବସ୍ଥା କରନ୍ତୁ । ତତ୍‌ସହିତ ଜନସଚେତନତାର ବାର୍ତ୍ତା ସହ ଆବର୍ଜନା ନ ଫିଙ୍ଗିବା ପାଇଁ ମାର୍ଗଦର୍ଶିକା ଜାରି ହେଉ । ବାସଗୃହ ଏବଂ କଳକାରଖାନା ଇତ୍ୟାଦିରୁ ନିର୍ଗତ ବର୍ଜ୍ୟ ଜଳଗୁଡ଼ିକୁ ନଦୀର ଗର୍ଭକୁ ଛାଡ଼ି ନ ଦେଇ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ କରିବା ପାଇଁ ସୁବ୍ୟବସ୍ଥା ଏବଂ ସ୍ୱତନ୍ତ୍ର ଆଇନ୍ ଲାଗୁ କରାଯାଉ ବୋଲି ସୁଶାନ୍ତ ଦାବି କରିଛନ୍ତି । ଯଦି ଏବେଠାରୁ ଦୟାନଦୀର ସୁରକ୍ଷା ପାଇଁ ପଦକ୍ଷେପ ନିଆନଯାଏ ତେବେ ଆଗାମୀ ଦିନରେ ଆମ ପାଖରୁ ନଦୀଟି ଉଭାନ ହୋଇଯିବ ବୋଲି ଶ୍ରୀ ସାହୁ କହିଛନ୍ତି ।

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ରଜତ କରଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଶାର ବିଶିଷ୍ଟ ବାଗ୍ମୀ ସାହିତ୍ୟିକ ଗବେଷକ ତଥା ପ୍ରାବନ୍ଧିକ ଡକ୍ଟର ରଜତ କୁମାର କରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି । ପଣ୍ଡିତ ଡ. କର ଜଣେ ସ୍ୱନାମଧନ୍ୟ ବକ୍ତାଭାବରେ ଖ୍ୟାତିଲାଭ କରିଥିଲେ । ଦୂରଦର୍ଶନ ଏବଂ ରେଡିଓରେ ତାଙ୍କର ବହୁ ଉପାଦେୟ ଭକ୍ତିରସାତ୍ମକ ତର୍କ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା । ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକ ମେଳାକୁ ସେ ମୁଖ୍ୟ ଅତିଥିଭାବରେ ଆସି ମା' ବିରଜା ଓ ବରାହଙ୍କୁ ଦର୍ଶନ କରି ଅତ୍ୟନ୍ତ ପ୍ରୀତ ହୋଇଥିଲେ । ତାଙ୍କର ଅବର୍ତ୍ତମାନରେ ଓଡ଼ିଶାର ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ସର୍ବଶ୍ରୀ ସନ୍ତୋଷ କୁମାର ନନ୍ଦ-ସଭାପତି, ଡା. କାହ୍ନୁଚରଣ ମିଶ୍ର-ସଂପାଦକ, ହୃଷିକେଶ ପତି-ସଂଗଠନ ସଂପାଦକ, ବିଭୂତି ମହାପାତ୍ର-ଉପସଭାପତି, ସମାଜସେବୀ ପାଣ୍ଡବ ସାହୁ-ସାଂସ୍କୃତିକ ସମ୍ପାଦକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଶିକ୍ଷାବିତ୍ ଦଶରଥ ସାମଲ, ମନୋଜ କୁମାର ନାଥ, ଅଖିଳ ମୋହନ ଦାଶ, ଜିତେନ୍ଦ୍ର ବେହେରା, ଓମ୍ ପଣ୍ଡା, ସଂଯୁକ୍ତା ମହାପାତ୍ର, ବାଇଧର ମାଝୀ, ଡ. ରୁଦ୍ରନାରାୟଣ ପୃଷ୍ଟି, ଚିନ୍ମୟ ଦାଶ, ଲକ୍ଷ୍ମୀପ୍ରିୟା ରାଉତରାୟ, ଅଧ୍ୟାପକ ମଳୟ ଜେନା, ପ୍ରାଧ୍ୟାପକ ଦାମୋଦର ବେହେରା, ପ୍ରାଧ୍ୟାପକ ଉଦୟ ନାରାୟଣ ପରିଡ଼ା, ରାମଚନ୍ଦ୍ର ଦାଶ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ଓ ମା' ବିରଜାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ରଜତ କୁମାର କରଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ

ଧର୍ମଶାଳା (ପିଏନ୍): ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ବିୟୋଗରେ ଓଡିଆ ସାହିତ୍ୟ ସଂସ୍କୃତି ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା । ସ୍ୱର୍ଗତଃ କରଙ୍କ ବିୟୋଗରେ ପୂର୍ବତନ ବିଧାୟକ ରବି ଲାବଣ୍ୟ, ପୂର୍ବତନ ସାଂସଦ ରୀତା ତରାଇ, ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ସ୍ତମ୍ଭକାର ଡ. ପୁରୁଷୋତମ ବିଶ୍ୱାଳ, ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ସମ୍ପାଦକ ହୃଷିକେଶ ସାମଲ, ସୁନାକର ସାହୁ, ପଣ୍ଡିତ ବ୍ରଜକିଶୋର ଦାଶ, ମିନତୀ ସାହୁ, ମାଧୁରୀ ଶତପଥୀ, ସନ୍ତୋଷ କୁମାର ତରାଇ, କବି ଡ. ତୁହିନାଂଶୁ ରଥ, ଅଧ୍ୟାପାକ ବିଜୟ କୁମାର ନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରି ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ସେହିପରି ଜିଲ୍ଲା ଲେଖକ ସମ୍ମେଳନ ପକ୍ଷରୁ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଦୟାନିଧି ନାୟକ, ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ଓ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମ୍ପାଦକ ଅବିନେଶ୍ୱର ଶତପଥୀ ପ୍ରମୁଖ ଶୋକବ୍ୟକ୍ତ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ଓଡ଼ିଶା ନାଗରିକ ମହାମଞ୍ଚ ପକ୍ଷରୁ ଡ. କରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ସାହିତ୍ୟକ, ଭାଷ୍ୟକାର, ରଥଯାତ୍ରାର ଉଦ୍‌ଘୋଷକ, ଓଡ଼ିଶା ସଂସ୍କୃତି, ପରମ୍ପରା ପ୍ରାଣ ତଥା ବହୁମୁଖୀ ପ୍ରତିଭାଦୀପ୍ତ ପଦ୍ମଶ୍ରୀ ଡ. ରଜତ କରଙ୍କ ବିୟୋଗରେ ଓଡ଼ିଶା ନାଗରିକ ମହାମଞ୍ଚ, ପୂଜ୍ୟପୂଜା ଅଭିଯାନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହିତ ଅନ୍ତିମ ଦର୍ଶନରେ ବରିଷ୍ଠ ସାମ୍ବାଦିକ, ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ସାମିଲ ହୋଇ ଶେଷ ଦର୍ଶନ କରିବା ସହିତ ତାଙ୍କୁ ଜଣେ ମହାନ୍ ସଂସ୍କୃତିପ୍ରେମୀ, ଜଗନ୍ନାଥ ସଂସ୍କୃତି ଗବେଷକ, ସ୍ତମ୍ଭକାର ବୋଲି କହିବା ସହିତ, ଏହିପରି ବ୍ୟକ୍ତିତ୍ୱଙ୍କର ମୃତ୍ୟୁ ନାହିଁ ବୋଲି ସ୍ମୃତିଚାରଣରେ କହିଥିଲେ । ମାନବର ସାମଗ୍ରିକ କଲ୍ୟାଣରେ ତାଙ୍କ ଅବଦାନ ଅତୁଳନୀୟ ଥିଲା । ମହାମଞ୍ଚ ପକ୍ଷରୁ ବହୁ ସଦସ୍ୟ ତାଙ୍କର ଶେଷ ଦର୍ଶନ କରିଥିଲେ ।

## ପ୍ରତାପନଗରୀ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଫୁଲନଖରା (ପିଏନ୍)-ପ୍ରତାପନଗରୀ ଜଳସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବିଭୂତିଭୂଷଣ ତାରେଣିଆଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସେ ଏଠାରେ ଦୀର୍ଘ ୬ବର୍ଷ ୪ମାସ ଧରି କାର୍ଯ୍ୟରତ ଥିଲାବେଳେ ପାଣିପଞ୍ଚାୟତ କର୍ମକର୍ତ୍ତା, ଯନ୍ତ୍ରୀ ଓ ଠିକାଦାରଙ୍କ ସହିତ ସୁସମ୍ପର୍କ ରକ୍ଷାକରି ଉନ୍ନୟନମୂଳକ କାର୍ଯ୍ୟକୁ ଆଗେଇ ନେଇଥିଲେ । ବର୍ତ୍ତମାନ ସେ ପଦୋନ୍ନତି ପାଇ ପ୍ରାଚୀ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ବଦଳି ହୋଇଛନ୍ତି । ଏହି ଉପଲକ୍ଷେ ଉପଖଣ୍ଡ କାର୍ଯ୍ୟାଳୟରେ ବିକ୍ରମ ଶତପଥିଙ୍କ ଅଧ୍ୟକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଲଳିତକୁମାର ଦାଶ, କମଳାକାନ୍ତ ଦାସ, ସମରେନ୍ଦ୍ର କୁମାର ହାତୀ, ସୋମନାଥ ଦାସ, ସନାତନ ପରିଜା, ପ୍ରଶାନ୍ତ କୁମାର ମହାନ୍ତି, ଜୟପ୍ରକାଶ ରାଉତରାୟ, ବିଶ୍ୱରଂଜନ ସାହୁ, ଅଜୟ କୁମାର ବିଶ୍ୱାଳ, ତ୍ରୈଲୋକ୍ୟ ପ୍ରଧାନ, ସନ୍ତୋଷ କୁମାର ପାତ୍ର ପ୍ରମୁଖ ପାଣିପଞ୍ଚାୟତ କର୍ମକର୍ତ୍ତା ଓ ଠିକାଦାରମାନେ ଯୋଗଦେଇ ଇଂ. ତାରେଣିଆଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସହକାରୀ ଯନ୍ତ୍ରୀ ଇଂ. କମଳଲୋଚନ ପ୍ରଧାନ, ଇଂ. ଶଙ୍କର ଦଳାଇ, ଶଙ୍ଖତ୍ରାସ ଯନ୍ତ୍ରୀ ଇଂ. ପ୍ରସନ୍ନ ନାୟକ, ମହୀଧରପଡ଼ା ଉପଖଣ୍ଡ ଯନ୍ତ୍ରୀ ଇଂ. ରିଙ୍କି ପଟ୍ଟନାୟକ, ଇଂ. ରାଧାପ୍ରସନ୍ନ ମହାପାତ୍ର ପ୍ରମୁଖ ବିଭାଗୀୟ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ପାଣି ପଞ୍ଚାୟତ କର୍ମକର୍ତ୍ତା, ଚାଷୀ ଓ ଠିକାଦାର ଉପସ୍ଥିତ ଥିଲେ । ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁନ୍ ୦୪

# ପରିବର୍ତ୍ତିତ ଜୀବନ ଚିତ୍ର



ଭାରତର ଆତ୍ମିକ ବୈଭବ ଦିନେ ଗ୍ରାମ୍ୟ ସଭ୍ୟତାର ସରଳତା ଭିତରେ ଅଗ୍ରଗତିର ମାର୍ଗ ନିର୍ଣ୍ଣୟ କରୁଥିଲା । କିନ୍ତୁ ସମୟର ଗତିପଥରେ ଆଜିର ଗ୍ରାମ୍ୟ ଜୀବନ ଏକ ନିସଙ୍ଗ ଉପତ୍ୟକାରେ ରୂପାନ୍ତରିତ । ସମ୍ପର୍କର ଅବିଚ୍ଛେଦ୍ୟ ଅଂଗ ଆଜି ଶିଥିଳ । ଆଧ୍ୟାତ୍ମିକ କ୍ଷେତ୍ରରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ ସର୍ବୋପରି ନୈତିକ ସ୍ଖଳନ ସର୍ବତ୍ର ଆପଣାର କାୟା ବିସ୍ତାର କରିଛି । ଅଗ୍ରଗତି ନାମରେ ଯେଉଁ ବିଷ ମଞ୍ଜି ରୋପଣ କରାଯାଇଛି; ତାହାର ପ୍ରଭାବ ସର୍ବତ୍ର ସୃଷ୍ଟି କରିଛି ବିଭୀଷିକାମୟ ଦୃଶ୍ୟ । ଆଜି ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପଡ଼ିଥିବା ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ସ୍ୱାର୍ଥ ପାରିବାରିକ ସଂପର୍କ ଭିତରେ ଠିଆ କରାଇଛି ପାଚେରୀ । ଏପରିକି ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧାପଡ଼ିଛି । ଚିଲମର ଧୂଆଁର ବାସ୍ନାରେ, ମାଦକ ଦ୍ରବ୍ୟର ଆକର୍ଷଣରେ ଯୁବଗୋଷ୍ଠୀ ମନ୍ଦିର ଆସୁଥାନ୍ତି ବା କ୍ଲବ୍‌ଘରେ ରାତି କାଟନ୍ତି । ଯୁବଶ୍ରେଣୀର ଏପରି ଦିଗଭ୍ରଷ୍ଟ କାରବାର ଗ୍ରାମ୍ୟ ଜୀବନକୁ ଆଜି ସଂକ୍ରମିତ କରିଛି । ଯେତତେନ ପ୍ରକାରେଣ ଉଚ୍ଚଶିକ୍ଷା ଲାଭ କରିଥିବା ଏପରି କିଛି ଯୁବଗୋଷ୍ଠୀଙ୍କ ପକ୍ଷରେ ବିଲରେ ଲଙ୍ଗଳ କଞ୍ଚି ଧରିବା ଆଉ ସମ୍ଭବ ହେଉନାହିଁ । ଅନ୍ୟପଟରେ ଅର୍ଥ ରୋଜଗାରର ସମସ୍ତ ରାସ୍ତା ବନ୍ଦ । ସନ୍ଧ୍ୟାରେ ଚିଲମ ଧୂଆଁରେ ଭଜନ କୀର୍ତ୍ତନ; ତା'ପରେ କ୍ଲବ୍ ଘରେ କଟେ ଜୀବନ । ଏହାହିଁ ସରଳ ଗ୍ରାମ୍ୟ ଜୀବନର ଦୁଃଖଦ ପରିଣତି । ଆଜି ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି । ରାଜନୀତିର ପଶାପାଲିରେ ସାଧାରଣ ଜନତା ହେଉଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ହେଉଛି ବିନିଯୋଗ । ଏପରିକି କଣ୍ଟ୍ରୋଲ ଦୋକାନରେ ମଧ୍ୟ ଜିନିଷ ପାଇବା ସାଧାରଣ ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି । ସ୍ୱାର୍ଥସର୍ବସ୍ୱ ଏ ପୃଥିବୀରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର ହୋଇପଡ଼ିଛନ୍ତି ।

ବାସ୍ତବିକ କହିବାକୁ ଗଲେ; ଗ୍ରାମ୍ୟ ଜୀବନର ସରଳତା ଆଜି ନଷ୍ଟ ଏବଂ ସଂପ୍ରୀତିର ପୃଥିବୀ ହୋଇପଡ଼ିଛି ଓଲଟପାଲଟ । ଆଜି ପରିବର୍ତ୍ତନର ସୁଅରେ ସବୁ ପାରମ୍ପରିକ ମୂଲ୍ୟବୋଧ ହୋଇପଡ଼ିଛି ଅଚଳ । ଆପଣାର ସ୍ୱାର୍ଥ ସିଦ୍ଧି ପାଇଁ ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । କେଉଁଠାରେ ସଫଳତା ପାଇଁ ରାଜନୀତିକୁ ଅସ୍ତ୍ର ଭାବରେ ଗ୍ରହଣ କରିଛି ତ; ଅନ୍ୟ କେଉଁଠାରେ ଧର୍ମକୁ ଢାଲ କରି ମୁକ୍ତିର ମାର୍ଗ ଖୋଜିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା' ସମୂହରେ ପାଇଛି ସ୍ୱୀକୃତି ।

ପରିଶେଷରେ କେବଳ ଏତିକି କହିବି– ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସମ୍ପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ଆପଣା ମାଟି, ପାଣି, ପବନ, ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ ।

# ଭଲ ମଣିଷ ଖୋଜା ଚାଲିଛି

ଭଲ ମଣିଷର ଦେଶ ଭାରତ । ହଜାର ହଜାର ବର୍ଷ ଧରି ଏ ଭାରତବର୍ଷ ବିଶ୍ୱକୁ ଦେଇଆସିଛି ଦିଗ୍‌ଦର୍ଶନ । ଏ ସଂସ୍କୃତିର ଆଦ୍ୟବାଣୀ ଅପୁରୁଷେୟ ବେଦରେ ଶୁଣାଇଥିଲା– 'ଅଗ୍ନିମିଳେ ପୁରୋହିତଂ । ସେହି ମହନୀୟ ଆଭିମୁଖ୍ୟର ଅନୁରଣନ ବିଶ୍ୱକୁ ଦେଇଛି ମାନବ ଅଭ୍ୟୁଦୟର ମୂଳମନ୍ତ୍ର । ବେଦ, ଉପନିଷଦ୍, ପୁରାଣ, ମହାକାବ୍ୟର ଧାରା ଦେଇ ଯୁଗ ଓ ଜାତିକୁ ସମୃଦ୍ଧ କରିଛି ଭାରତବର୍ଷ । ଏ ମାଟିରେ ଦେବତା ବି ଧରାବତରଣ କରି ମାନବିକତାର ମନ୍ତ୍ର ଶୁଣାଇଥିବା ବିଶ୍ୱାସ କରାଯାଏ । ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ପରମ ପୁରୁଷ ତଥା ଶ୍ରୀମଦ୍ ଭାଗବତ ଗୀତାର ପ୍ରବକ୍ତା ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭ କରି ମହାନ୍ ଯୋଗୀ ରାମକୃଷ୍ଣ ପରମହଂସ, ଭାରତୀୟ ଅସ୍ମିତାର ପ୍ରବକ୍ତା ସ୍ୱାମୀ ବିବେକାନନ୍ଦ, ଅତିମାନସତତ୍ତ୍ୱର ବ୍ୟାଖ୍ୟାକାର ମହାଯୋଗୀ ଶ୍ରୀ ଅରବିନ୍ଦ, ଅହିଂସାର ପରମପୂଜକ ଯୁଗପୁରୁଷ ମହାତ୍ମା ଗାନ୍ଧୀ ଏ ଭାରତବର୍ଷରେ ଜନ୍ମନେଇ ବିଶ୍ୱକୁ ଦେଇଛନ୍ତି ମାନବୀୟ ଉତ୍‌ଥାନର ଚରମବାଣୀ । ସମୟର ଧାରାରେ ଦୀର୍ଘଦିନର ପରାଧୀନତା ଭିତରେ ଅବଶ୍ୟ ଏ ଆର୍ଯ୍ୟାବର୍ତ୍ତ କ୍ରମେ ମୁମୂର୍ଷୁପ୍ରାୟ । ଆତଙ୍କବାଦ, ସାଂପ୍ରଦାୟିକ ବିଦ୍ୱେଷ, ଭ୍ରଷ୍ଟାଚାର ଏ ମାଟି ଓ ଜାତିର ଆତ୍ମାକୁ କଳୁଷିତ କରିଛି । ସବୁଠାରେ ଯେପରି ନୈରାଶ୍ୟବାଦର ଏକଛତ୍ର ଆଧିପତ୍ୟ । କିନ୍ତୁ କରାଳ ରାତ୍ରୀର ଯବନିକା ପରେ ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଫୁଟି ଉଠିଥାଏ ନିଶ୍ଚୟ । ଭାରତ ପାଇଁ ଏକବିଂଶର ବିଶ୍ୱ ଯେ ନୂତନ ସମ୍ଭାବନା ସୃଷ୍ଟି କରିଛି – ଏ ବିଶ୍ୱାସକୁ ନେଇ ଆଜି ସମଗ୍ର ବିଶ୍ୱବାସୀ ଆତୁରତାର ସହ ଅପେକ୍ଷା କରିଛନ୍ତି । ଆଜି ଜଗତୀକରଣ ପ୍ରେକ୍ଷାପଟ୍ଟରେ 'ବସୁଧୈବ କୁଟୁମ୍ବକମ୍' ଅଧିକ ସତ୍ୟ ମନେହୁଏ । ବ୍ୟକ୍ତିବିଶ୍ୱରୁ ଊର୍ଦ୍ଧ୍ୱରେ ବିଶ୍ୱବ୍ୟକ୍ତିର ପ୍ରକାଶ ପ୍ରତିଶ୍ରୁତିର ପର୍ବ ଆରମ୍ଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ପରିପ୍ରେକ୍ଷୀରେ ବାସ୍ତବିକ ଆଜିର ତରୁଣ ଖୁବ୍ ଗମ୍ଭୀରତାର ସହ ନିଜର ଭୂମିକା ନିର୍ବାହ କରିବା ଆବଶ୍ୟକ ମନେହୁଏ । ପରମ୍ପରା କହେ– ଏ ମାଟିର ନଚିକେତା ଦିନେ 'ଯମ'ଙ୍କ ନିକଟରେ ପ୍ରଶ୍ନିଳ ମନ ନେଇ ଜୀବନର ଗୁଢ଼ ରହସ୍ୟ ଉଦ୍‌ଘାଟନ କରିଥଲେ । ଜାଗତିକ ସତ୍ୟଠାରୁ ଊର୍ଦ୍ଧ୍ୱରେ ସନାତନ ସତ୍ୟର ସନ୍ଧାନ କରିଥିଲେ । ଆଜିର ପୃଥିବୀ ପୁନଶ୍ଚ ଏପରି ଏକ ସତ୍ୟ ସନ୍ଧାନୀର ଅପେକ୍ଷା ରଖିଛି । ଆଜି ଅନେକ ବଡ଼ମଣିଷ ଆମ ଭିତରେ ଠିଆ ହୋଇଛନ୍ତି । କିନ୍ତୁ ଭଲ ମଣିଷ ଖୋଜାଚାଲିଛି ଅନବରତ ।। 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା / ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିତ୍ ଦୁଃଖଭାକ୍‌ଭବେତ୍' ମୂଳମନ୍ତ୍ରକୁ ପ୍ରତିଷ୍ଠା କରିବା ଦିଗରେ ଅବିଶ୍ରାନ୍ତ ଚେଷ୍ଟା ଚାଲିଛି । ଏ ଦିଗରେ ତରୁଣ ଭାରତ ଯେ ପ୍ରମୁଖ ଭୂମିକା ଗ୍ରହଣ କରିଛି– ଏଥିରେ ସନ୍ଦେହ ନାହିଁ । ଏହି ଅଭିଯାନର ସୂତ୍ରଧାର ଭାବରେ ଆଗାମୀ ଭାରତର ତରୁଣମାନଙ୍କ ଆଗରେ ମୁଣ୍ଡ ଟେକିଛି ଅନେକ ସମ୍ଭାବନା । ଦେଶର କୋଣ ଅନୁକୋଣରେ ଖେଳିଯାଇଛି ଜାଗରଣର ପ୍ଲାବନ । 'ଭାରତୀୟତା' ଆଧାରରେ ଏକ ସୁପ୍ରାଚୀନ ମାନବଗୋଷ୍ଠୀ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ନିମନ୍ତେ ଜୟଯାତ୍ରା ଆରମ୍ଭ କରିଛନ୍ତି । ଏହି ଧାରାରୁ ଉତ୍କଳୀୟ ତରୁଣ ଭିନ୍ନ ନୁହଁନ୍ତି ନିଶ୍ଚୟ । ଦିନେ କପିଳ ସଂହିତା ଯାହା କହିଥିଲା–"ବର୍ଷଣାଂ ଭାରତ ଶ୍ରେଷ୍ଠ, ଦେଶନାଂ ଉତ୍କଳୋଶ୍ରୁତ୍ୟ/ଉତ୍କଳସ୍ୟ ସମୋଦେଶ, ଦେଶନାସ୍ତି ମହୀତଳେ ।" ଉତ୍କଳ ମାଟିର ଉଜ୍ଜ୍ୱଳ ତାରକା ଭାବରେ ଆମ ଯୁବଗୋଷ୍ଠୀ ଏହି ମହାଯାତ୍ରାରେ ନିଜକୁ ସାମିଲ କରି ଆଗାମୀ ଧାରାର ମୁଖୋଜ୍ଜ୍ୱଳ ଯେ କରିବେ– ଏଥିରେ ସନ୍ଦେହ ନାହିଁ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭, ସଂପର୍କ: ୮୮୯୫୧୪୧୭୨୭

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସଂସ୍କୃତିର ସଂଗମକ୍ଷେତ୍ର ଦକ୍ଷିଣ ଓଡିଶା

**ମାୟାଧର ନାୟକ**



ଦକ୍ଷିଣ ଓଡ଼ିଶା ଦକ୍ଷତାର ଓଡ଼ିଶା, ତୃପ୍ତତାର ଓଡିଶା, ଦୁର୍ଦ୍ଧାନ୍ତତାର ଓଡ଼ିଶା । ଦକ୍ଷିଣ ଓଡ଼ିଶା ଦୁର୍ବାର ଓଡିଶା । ବନଜଂଗଲରୁ ଆରମ୍ଭ କରି ପାହାଡପର୍ବତର ପ୍ରାଚୁର୍ଯ୍ୟ ଦିନେ ଦକ୍ଷିଣ ଓଡିଶାକୁ ଦୁର୍ଭେଦ୍ୟ ଦୁର୍ଗର ଦୃଢ ଭାବମୂର୍ତ୍ତି ପ୍ରଦାନ କରିଥିଲା । ଏଠି ଥିଲା ଓଡିଶାବିଖ୍ୟାତ ରାଜବଂଶର ରାଜବାଟୀସବୁ ଏବଂ ପ୍ରଜାମାନେ ଥିଲେ ପ୍ରଖର ଯୋଦ୍ଧା ଜଣେ ଜଣେ । କିମ୍ବଦନ୍ତୀରୁ ଇତିହାସ ପର୍ଯ୍ୟନ୍ତ ଦକ୍ଷିଣ ଓଡିଶାର ଆଭାସଚିତ୍ର ବିଚିତ୍ରବର୍ଣ୍ଣାଳୀରେ ବିସ୍ମୟକର । ରାଜାମାନେ କେବଳ ରାଜନୀତି କରୁ ନ ଥିଲେ କି ଶାସନ କରୁ ନ ଥିଲେ, ସାହିତ୍ୟ କଳା-ସଂସ୍କୃତି ପାଇଁ ତଥା ଏକ ସାଂସ୍କୃତିକ ଓଡିଶାର ଅଭ୍ୟୁତ୍‌ଥାନ ପାଇଁ ଅନନ୍ୟ ଅନୁପ୍ରେରଣାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିଆସୁଥିଲେ – ପ୍ରଜାମାନେ ମାଟି ଆଉ ମାଆର ମହତ ରକ୍ଷା ପାଇଁ ପ୍ରାଣପାତ କରିବାକୁ କୁଣ୍ଠିତ ହେଉନଥିଲେ କଦାପି । ମାତ୍ର ବ୍ରିଟିଶ୍ ଶାସନକାଳରେ ଏହି ଶୂରବୀରର ଭୂଖଣ୍ଡକୁ ଶାସନଗତ ସୁବିଧାବାଦ ତଥା ସାମ୍ରାଜ୍ୟବାଦର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସାମିଲ୍ କରାଇଦିଆଗଲା ମାଡ୍ରାସ୍ ପ୍ରେସିଡେନ୍‌ସୀ ସହିତ । ଏହାଫଳରେ ପାରମ୍ପରିକ ରାଜଶକ୍ତିର ସ୍ପର୍ଦ୍ଧା ହେଲା ଭୂଲୁଣ୍ଠିତ ଏବଂ ପ୍ରଜାଶକ୍ତି ହେଲା ପଦାନତ । ପରାଧୀନ ଭାରତବର୍ଷରେ ଦକ୍ଷିଣ ଓଡିଶାର ଏହି ଦଶା ଏକ ଐତିହାସିକ ବିଡମ୍ବନା । ତଥାପି ପାଉଁଶ ତଳର ନିଆଁ ପରି ଏ ମାଟିର ମଳାଟ ତଳେ ପ୍ରସ୍ତୁତ ହେଉଥିଲା ଅନାଗତ ଭବିଷ୍ୟତର ଆଗ୍ନେୟ ଆହ୍ୱାନୀ । ଉତ୍କଳ ସମ୍ମିଳନୀର ମହାମଂଚରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଯେଉଁ ଭାଷାଭିତିକ ଆନ୍ଦୋଳନର ଆବାଜ ଉଠିଥିଲା, ତାହାର ପୃଷ୍ଠଭୂମିରେ ଥିଲା ଏହି ଦୁର୍ବାର ଦକ୍ଷିଣ ଓଡିଶାର ଦୃପ୍ତ ଦାବୀନାମା । କାରଣ ମାନକ ଓଡିଆ ଭାଷାର ଭଣ୍ଡାରକୁ ସର୍ବାଧିକ ଅବଦାନ ଦେଇଛନ୍ତି ଏ ମାଟିର ବରପୁତ୍ରବର୍ଗ – ଭଞ୍ଜ, ବଳଦେବ, ଗୋପାଳକୃଷ୍ଣଙ୍କଠାରୁ ଆରମ୍ଭ କରି ବହୁ ବିଦ୍ୱାନ ପଣ୍ଡିତଙ୍କର ଏହି ପବିତ୍ରଭୂମି ଓଡିଆ ଭାଷାର ଆଭିଜାତ୍ୟକୁ ଅକ୍ଷୁର୍ଣ୍ଣ ରଖିବାରେ ଛାଡିଯାଇଛି ଅକ୍ଷୟକୀର୍ତ୍ତିର ଉର୍ଜ୍ଜସ୍ୱଳ ଇତିହାସ ।

ମୁଁ ଏସବୁ ତଥ୍ୟର ଜଞ୍ଜାଳ ଭିତରକୁ ନଯାଇ ସତ୍ୟର କେତୋଟି ଝଲକ ମାତ୍ର ସୂଚାଇଦେବାକୁ ଚାହୁଁଛି – ସେ ସତ୍ୟ ଯେତେ ଅପ୍ରିୟ ହେଉନା କାହିଁକି ଏକାନ୍ତ ପ୍ରଣିଧାନଯୋଗ୍ୟ । ବ୍ରିଟିଶ୍ ସରକାର ଦକ୍ଷିଣ ଓଡିଶାକୁ ମାଡ୍ରାସ୍ ପ୍ରେସିଡେନ୍‌ସୀର ଅନ୍ତର୍ଭୁକ୍ତ କରିବା ଦ୍ୱାରା ଯେପରି ଏହାର ପାରମ୍ପରିକ ରାଜଶକ୍ତିକୁ ମ୍ଳାନନିଷ୍ପ୍ରଭ କରିଦେଇ ପ୍ରଜାଶକ୍ତିର ପ୍ରମତତାକୁ ପ୍ରାଣହୀନ କରିଦେଇଥିଲେ, ସ୍ୱାଧୀନତା ପରେ ଏଇ କିଛିବର୍ଷ ତଳେ ଓଡିଶା ସରକାର ସେହିପରି ଅବିଭକ୍ତ ଗଞ୍ଜାମ-କୋରାପୁଟକୁ ନେଇ ମୁଣ୍ଡ ଉଠାଇଆସିଥିବା ଦକ୍ଷିଣ ଓଡିଶାକୁ ଆହୁରି ଗୁଡିଏ ନୂଆ ନାଆଁର ତାଲିକାରେ ଜିଲ୍ଲାୱାରୀ ଖଣ୍ଡଖଣ୍ଡ କରିଦେବା ଦ୍ୱାରା ଏହାର ଅଖଣ୍ଡ ଆତ୍ମଶକ୍ତିକୁ ସବୁଦିନ ପାଇଁ ବିଭାଜିତ କରିଦେଲେ । ଏହାଦ୍ୱାରା ଜିଲ୍ଲାପାଳ ଚାକିରିର କେବଳ ବଢତି ହେଲା, ଅଧିକ ସରକାରୀ ଅଫିସ ଖୋଲାଯାଇ ଦପ୍ତରଗୁଡାକୁ ପରାଙ୍ଗପୁଷ୍ଟ ସରକାରୀ ଦରବାରର ଗୋଟିଏ ଗୋଟିଏ କରଆଦାୟକାରୀ କ୍ୟାମ୍ପସ୍‌ରେ ପରିଣତ କରାଗଲା ଏବଂ ଭୂଇଁଫୋଡା ଶାସନର ଦୁର୍ନୀତି-ଧାରାକୁ ନୂଆନୂଆ ଜିଲ୍ଲାରେ ବିସ୍ତାର କରିଦିଆଗଲା । ମାତ୍ର ଦୁଇଟି ଜିଲ୍ଲାକୁ ଛୋଟବଡ ଗୁଡିଏ ଜିଲ୍ଲାରେ ତାଲିକାଧୀନ କରାଇ ଓଡିଶା ସରକାର କି ବାହାଦୁରି ଦେଖାଇଲେ ତା' ମାଆ ମହାଦେଈକୁ ଜଣା, ମାତ୍ର ମୋର ବିନମ୍ର ମତ ଯେ ଏହାଦ୍ୱାରା କେବଳ ଶାସନର ଓ ପ୍ରଶାସନର ଫାଇଦା ହେଲା; ହେଲେ ଦକ୍ଷିଣ ଓଡିଶାର ଜନଗଣ ଦ୍ୱିତୀୟଥର ପାଇଁ ଶିକାର ହେଲେ ଏକ ସୁଦୂରପ୍ରସାରୀ ସରକାରୀ ଷଡଯନ୍ତ୍ରର! ଏ ଷଡଯନ୍ତ୍ରର ସ୍ୱରୂପକୁ ଏବେ ହୁଏତ ଦକ୍ଷିଣଓଡିଶାବାସୀ ଦେଖିପାରୁନାହାନ୍ତି, କିନ୍ତୁ ଅଦୂର ଭବିଷ୍ୟତର ଏହାର ବିଷମୟ ପରିଣାମକୁ ଅଙ୍ଗେ ନିଭାଇବେ ନାତି-ଅଣନାତିଙ୍କୁ ନେଇ ଆମର ଉତରଦାୟାଦ । ପ୍ରଥମତଃ, ଏହି ବିଭାଜନକୁ ନିଜର ଆର୍ଥିକ ଆଁ'ର ଚାହିଦା ମେଂଟାଇବାକୁ ଯାଇ ଓଡିଶା ସରକାର ନୂଆଯୋଜନା ନାଆଁରେ କାଏମ୍ କରିଦେଲେ, କିନ୍ତୁ ଦକ୍ଷିଣ ଓଡିଶାର ଆତ୍ମିକ ସୂତ୍ରକୁ ଛିନ୍ନ କରିଦେଲେ ସବୁଦିନ ପାଇଁ । ଆଦିବାସୀ ଓ ଅଧିବାସୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଳିତ ସ୍ଥିତିକୁ ନେଇ ଯେଉଁ ଦକ୍ଷିଣ ଓଡିଶା ଦିନେ ଏକ ଦକ୍ଷ ଓ କାର୍ଯ୍ୟକ୍ଷମ ଓଡିଶା ହୋଇ ସାରା ଓଡିଶାର ଦକ୍ଷିଣଦୁଆରୀ ଘର ବୋଲାଉଥିଲା, ତାହା ଆଜି ଗୋଟାଏ ଭଂଗାଘର– ଯେଉଁଠି ଜନଅସନ୍ତୋଷର ପ୍ରତିକ୍ରିୟାସ୍ୱରୂପ ନବଜନ୍ମ ନେଇଛି ମାଓବାଦୀ ଲାଲ୍‌ବାହିନୀ । ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାଯିବ ଯେ ଅବିଭକ୍ତ ଗଂଜାମ-କୋରାପୁଟର ଦକ୍ଷିଣ ଓଡିଶା ଯେତେ ମାଓବାଦୀ ଆକ୍ରମଣରେ ଅତିଷ୍ଠ ହେଉନଥିଲା, ବର୍ତ୍ତମାନର ଶାସନ-ପ୍ରଶାସନର ମିଳିତ ମେଂଟର ଚକ୍ରାନ୍ତରେ ଚୂର୍ଣ୍ଣୀଭୂତ ଦକ୍ଷିଣ ଓଡିଶା ପ୍ରତ୍ୟହ ପ୍ରାଣପୀଡା ଭୋଗୁଛି ନବ୍ୟ ମାଓବାଦୀ ଅଭିଯାନର ସନ୍ତ୍ରାସୀ ସଂପ୍ରସାରଣ ଦ୍ୱାରା ।

ଦକ୍ଷିଣ ଓଡିଶାର ଏହି ନୈତିକ ଓ ସାଂସ୍କୃତିକ ମଂଚକୁ ମୁଁ ରାଜନୈତିକ ମଂଚ ଭାବରେ ବ୍ୟବହାର କରିବାକୁ ଯାଉନାହିଁ । ମାତ୍ର ଗୋଟିଏ କଥା ଏଠାରେ ସ୍ପଷ୍ଟ ସୂଚାଇଦେବାକୁ ଚାହୁଁଛି ଯେ ଗତକାଳିର ରାଜତନ୍ତ୍ରଲାଳିତ ରାଜାମାନଙ୍କର ରାଜନୀତି ଏ ମାଟିର କଳା-ସାହିତ୍ୟ-ସଂସ୍କୃତିର କ୍ରମବିସ୍ତାର ପାଇଁ ଯେଉଁ ନବଜାଗରଣକୁ ଜନ୍ମ ଦେଇଥିଲା, ଆଜିକାଲିକାର ଗଣତନ୍ତ୍ରପାଳିତ ମନ୍ତ୍ରୀମାନଙ୍କର ରାଜନୀତି ଅତୀତର ସେ ରେନେସାଁ ବା ନବଜାଗରଣକୁ ଦେଇସାରିଛି ଦାରୁଣ ମୃତ୍ୟୁଦଣ୍ଡାଦେଶ ! ଆଉ ଏ ମାଟିରେ ଭଂଜ, ବଦଦେବ କି ଗୋପାଳକୃଷ୍ଣମାନେ ଜନ୍ମ ନେବା ଏକ ଦିବାସ୍ୱପ୍ନ । ଆଜି ଏଠି କେବଳ ଟଙ୍କା – ଟଙ୍କା – ଟଙ୍କା... ଟଙ୍କା ପଛରେ ସମସ୍ତେ ଟିଙ୍କ – କିଏ ପଚାରୁଛି କଳା-ସାହିତ୍ୟ-ସଂସ୍କୃତି କଥା ? ଇଏ ଆଜି କି ରାଜନୀତି ? ଏଇ ଦକ୍ଷିଣ ଓଡିଶାରୁ ବିଶ୍ୱନାଥ ଦାସ, ସଦାଶିବ ତ୍ରିପାଠୀ, ବିନାୟକ ଆଚାର୍ଯ୍ୟ, ବିଜୁ ପଟ୍ଟନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ପୁଣି ସର୍ବାଗ୍ରେ ସ୍ମରଣୀୟ ଗଜପତି କୃଷ୍ଣଚନ୍ଦ୍ର ମଧ୍ୟ ଏଇ ଦକ୍ଷିଣ ଓଡିଶାରୁ ହିଁ ସାକାର କରିଛନ୍ତି ସ୍ୱତନ୍ତ୍ର ଓଡିଶାର ସ୍ୱପ୍ନ । ବିଜୁତନୟ ନବୀନ ମଧ୍ୟ ଏହି ବୀରମାଟି ଦକ୍ଷିଣ ଓଡିଶାର ସମର୍ଥନ ପାଇ ଏବେ ସାରାଓଡିଶାର ମୁଖ୍ୟମନ୍ତ୍ରୀ । ଅଥଚ ଏ ଲୋହିତ ଲାଭାର ମାଟି ଯେଉଁ ତିମିରେକୁ ସେଇ ତିମିରେ ।

ଦକ୍ଷିଣ ଓଡିଶାର ଦାବୀନାମା ଆଜି ସରକାରୀ ସିରସ୍ତାର ଫାଇଲ୍ ଫାଙ୍କରେ ଫେରାର୍ ! ଦୂରପର୍ବତସବୁ ଦିବ୍ୟସୁନ୍ଦର ଦିଶୁଛି – କିନ୍ତୁ ସବୁ ଜଙ୍ଗଲ ପାଲଟିଛି ଜଉଘରର – ଜଳୁଛି, ଜଳୁଛି, ନିଭିବାର ନାହିଁ ଏ ନିସ୍ତାରହୀନ ଜ୍ୱଳନରୁ । କିଏ ବୁଝିବ ଦକ୍ଷିଣର ଏ ଦୁଃଖ ? ସମସ୍ତେ ତ 'ଦକ୍ଷିଣା' ଦାୟରେ ଦୋରସ୍ତ ! ଚାହୁଁଚି କିଏ ଚିଲିକାର ନୀଳଚଂଚଳ ଚାହାଣିକୁ ? ଚିତ୍ରପଟ ଚିରିଗଲାଣି–ଚାଲିଛି କେବଳ ଚିଙ୍ଗୁଡିଚାଷ– ଘେରିବନ୍ଧା ଫେରିବାଲାଙ୍କ ପର୍ଦ୍ଦାଫାଶ !

ଏଇ ଓଡିଶାର ଦକ୍ଷିଣଦୁଆରୀ ଘରୁ କେତେ କଳାକାର, କେତେ ଶିଳ୍ପୀ ପୃଥିବୀପ୍ରଖ୍ୟାତ ହୋଇପାରିଛନ୍ତି । ଖଲ୍ଲିକୋଟ ଏଇ କଳାସଂସ୍କୃତିର ଆଧୁନିକ ଏନ୍ତୁଡିଶାଳ । କିନ୍ତୁ କାହିଁ, କର୍ପୂର ଉଡିଗଲା ପରେ କନାକୁ ବି ଅନାଉଛି କିଏ ?

ଦକ୍ଷିଣ ଓଡିଶା ତନ୍ତ୍ରଭୂମି । ଏହି ତନ୍ତ୍ରଭୂମିର ମନ୍ତ୍ର ଆଜି ମସୀଲିପ୍ତ । ଗାଆଁଗାଆଁରେ ଗ୍ରାମଦେବତାର ଦେଉଳସବୁ ଦିଶୁଛି ଅସ୍ଥିକଙ୍କାଳସାର ଅସ୍ତିତ୍ୱ ପରି । ଦିଅଁମାନେ ଶୋଇପଡିଛନ୍ତି ପଥରବେଦିରେ । ଆଉ ଶୁଭୁନାହିଁ ପ୍ରେରଣାର ପୂରବୀ : ଭାଷା ଛନ୍ଦର ଭୈରବୀ ।

ଏ ଭୂମି ହେଉଛି ସଂସ୍କୃତିର ସଙ୍ଗମକ୍ଷେତ୍ର । ଏଠି ଏକାଧାରରେ ସାମନ୍ତବାଦୀ ସାହିତ୍ୟ ଓ ଆଦିବାସୀ ଲୋକସାହିତ୍ୟର ଯୁଗଳବନ୍ଦି ଅଭିବ୍ୟକ୍ତି ଉଲ୍ଲେଖଯୋଗ୍ୟ । ଭଂଜଭୂମି ଗଂଜାମରେ ରୀତିକାବ୍ୟର ମହାସମୁଦ୍ର ଉଚ୍ଛୁଳି ଉଠିଥିଲାବେଳେ ଆଦିଭୂମି କୋରାପୁଟର ପବନରେ ଲହରି ସୃଷ୍ଟି କରିଛି ଆଦିବାସୀ ସାହିତ୍ୟର ପ୍ରାଣସ୍ପନ୍ଦନ । ଓଡିଆ ଭାଷାକୁ ମହାର୍ଘ ମାନ୍ୟତା ପ୍ରଦାନ କରିବାରେ ଦକ୍ଷିଣ ଓଡିଶାର ଅବଦାନ ଅବିସ୍ମରଣୀୟ । ଅଥଚ ମାତୃଭାଷାର ମର୍ଯ୍ୟାଦା ପାଇଁ ମିନିଟିଏ ଚିନ୍ତନ କି ଚର୍ଚ୍ଚା କାହିଁ ? ଆଜି ତାମିଲ, ତେଲଗୁ, ମାଲୟାଲମ୍, କନ୍ନଡ ସମେତ ସଂସ୍କୃତ ଭାଷା ନିଜ ନିଜର ମାନ୍ୟତା ଦାବୀରେ କେନ୍ଦ୍ରରୁ ଶହେକୋଟି ଲେଖାଏଁ ଆର୍ଥିକ ଅନୁଦାନ ପାଇସାରିଲେଣି, ମାତ୍ର ଆମର ନିଦ ଭାଙ୍ଗି ପାରିଲାନାହିଁ ଏଯାଏଁ । ସାଧାରଣ ଓଡିଆ ଭାଷାକୁ ମାନ୍ୟତାସଂପନ୍ନ ଏକ ମାନକ ମହାଭାଷାରେ ପରିଣତ କରିସାରିଥିବା ଦକ୍ଷିଣ ଓଡିଶା ଆଜି ଦାବୀଦାର୍–କେନ୍ଦ୍ରରୁ ଓଡିଆ ଭାଷା ପାଇଁ ଶହେକୋଟି ଟଙ୍କା ଆଦାୟ କ୍ଷେତ୍ରରେ । ଏଥିପାଇଁ ଅବିଳମ୍ବେ ଆରମ୍ଭ ହେଉ କ୍ଷେତ୍ରପ୍ରସ୍ତୁତିର ପର୍ବ । ଦକ୍ଷିଣ ଓଡିଶାରେ ପ୍ରଥମେ ପ୍ରତିଷ୍ଠା ହେଉ ଓଡିଶାର ସାଂସ୍କୃତିକ ରାଜଧାନୀ । ବିଦ୍ୱାନ, ବୁଦ୍ଧିଜୀବୀ, ବାଗ୍ମୀବର୍ଗ ଏକଜୁଟ ହୁଅନ୍ତୁ ଏବଂ ଏହି ମହତ ଲକ୍ଷ୍ୟ ଓ ଲୟ ନିମନ୍ତେ ପରମ ଶୁଭେଚ୍ଛୁ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତୁ ଏ ମାଟିର ଅଭୁଲା ରାଜବଂଶ । ଏଠୁ ଦାବୀର ଫର୍ଦ୍ଦ ପଢାହେଲେ ଯାଇ ଓଡିଶା ସରକାରଙ୍କ କୁମ୍ଭକର୍ଣ୍ଣୀ ନିଦ୍ରାର ଅନ୍ତ ଘଟିବ ନିଶ୍ଚୟ ।।

ଆଜି ଆଉଥରେ ଏକ ଜୋର୍‌ଦାର୍ ଭାଷା-ଆନ୍ଦୋଳନର ସମୟ ପହଂଚିଛି । ଦକ୍ଷିଣ ଓଡିଶା ନିକଟରୁ ଏହାର ନିର୍ଭରଯୋଗ୍ୟ ନେତୃତ୍ୱ ଦାବୀ କରୁଛି ମୁଁ ।

*–ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

# ସରକାରୀ ଲାଞ୍ଚ

ଲାଞ୍ଚ ଶବ୍ଦର ଅର୍ଥ ଯାହା ହେଉନା କାହିଁକି ଏବେ ଏହା ଭିନ୍ନ ରୂପ ନେଇଛି- ଯେମିତି ଯୌତୁକ । ବର୍ତ୍ତମାନ ଏହି ଯୌତୁକର ଅର୍ଥ ଉପହାର । ଗରିବ ଲୋକ ଦେଲେ ଏହା ଯୌତୁକ ଆଉ ଧନୀ ଲୋକଙ୍କ ପାଇଁ ଏହା ଉପହାର । ବୋଧହୁଏ ଏହି ଲାଞ୍ଚ ଦେବା ନେବା ଆରମ୍ଭ ହୋଇଥିଲା ଇଂରେଜମାନଙ୍କ ସମୟରୁ । ଭାରତୀୟ ମାନଙ୍କର ଚରିତ୍ର ଯାହାଥିଲା ସେତେବେଳେ ଲାଞ୍ଚର ଆବଶ୍ୟକତା ନଥିଲା । ଭାରତୀୟମାନେ ଶାନ୍ତ-ସରଳ ଆଉ ଉତ୍ତମ ସ୍ୱଭାବର ଥିଲେ । ଅଳ୍ପରେ ଆଉ ସମ୍ମାନର ସହିତ ବଂଚିବାରେ ସେମାନେ ଅଭ୍ୟସ୍ତ ଥିଲେ । ବାହ୍ୟ ଲୋକଦେଖାଣିଆ ଚାକଚକ୍ୟରୁ ଖୁବ୍ ଦୂରରେ ଥାଇ ସେମାନେ ଶାନ୍ତିରେ ବଂଚିବା ଶିଖିଥିଲେ । ସରଳ ଜୀବନ ଆଉ ଉଚ୍ଚ ଚିନ୍ତାଧାରା ସେମାନଙ୍କ ଜୀବନର ଆଦର୍ଶ ଥିଲା । କିନ୍ତୁ ଇଂରେଜମାନଙ୍କ ଶାସନ ସମୟରେ ଏହି ଲାଞ୍ଚ ଭାରତୀୟ ଜନ ଜୀବନକୁ ପ୍ରବେଶ କଲା । ବୋଧହୁଏ କିରାଣୀ ଜାତିଟାର ଯେବେଠାରୁ ସୃଷ୍ଟି ହେଲା । ଏହି କିରାଣୀ ଜାତି ହିଁ ଇଂରେଜମାନଙ୍କର ସୃଷ୍ଟି । ସେତେବେଳେ ଲାଞ୍ଚ କହିଲେ ପାନ ଖଣ୍ଡେ କିମ୍ବା ସିଗାରେଟ ଗୋଟେକୁ ବୁଝାଉଥିଲା । ଅନେକ ସମୟରେ ମିଠା ମିଠା କଥା ମଧ୍ୟ ଲାଞ୍ଚର ରୂପ ନେଉଥିଲା । ଲୋକେ ଏତେ ଲୋଭୀ ନଥିଲେ । ଅଳ୍ପରେ ସନ୍ତୁଷ୍ଟ ହୋଇ ଯାଉଥିଲେ ।

ଲଞ୍ଚ (Lunch) ଶବ୍ଦରୁ ବୋଧେ ଲାଞ୍ଚ ଶବ୍ଦର ସୃଷ୍ଟି । କାର୍ଯ୍ୟାଳୟରେ ସମସ୍ତଙ୍କ ସାମନାରେ ଲାଞ୍ଚ ନେବାଟାକୁ ବାବୁମାନେ ଉଚିତ ମନେ କରୁ ନଥିଲେ । କାରଣ ଏହା ଏକ ହୀନ କାର୍ଯ୍ୟ ଥିଲା । ଏଣୁ ବାବୁମାନେ କିଛି ସମୟ ପାଇଁ କାର୍ଯ୍ୟାଳୟରୁ ଭାର୍ଯ୍ୟାଳୟକୁ ଚାଲି ଯାଉଥିଲେ ଖାଦ୍ୟ ଗ୍ରହଣ କରିବା ପାଇଁ, ଆଉ ବିଶ୍ରାମ ନେବା ପାଇଁ । ଏହି ସମୟ ମଧ୍ୟରେ ଯାହାର କାମ ଥିଲା ସେ ଯାଇ ସେଠାରେ ପହଞ୍ଚି ବାବୁମାନଙ୍କୁ ସନ୍ତୁଷ୍ଟ କରିଦେଲେ, ସେମାନଙ୍କର କାର୍ଯ୍ୟ ହୋଇ ଯାଉଥିଲା । ସମୟ ସହିତ ତାଳ ଦେଇ ଲାଞ୍ଚ ମଧ୍ୟ ତାର କାୟା ବିସ୍ତାର କରି ଚାଲିଲା । ଯେଉଁଠି ପାନ ଖଣ୍ଡକରେ ଚଳି ଯାଉଥିଲା, ସେଠି ହଜାର ହଜାର ଟଙ୍କା ଏବଂ ଲକ୍ଷ ଲକ୍ଷ ଟଙ୍କା ଆବଶ୍ୟକ ହେଲା । ଏପରିକି କେତେକଙ୍କ ପାଇଁ ଟଙ୍କା-ସୁନା ନୁହେଁ, କିଛି ସମୟ ପାଇଁ ସୁନ୍ଦରୀ ନାରୀମାନଙ୍କୁ ମଧ୍ୟ ଲାଞ୍ଚ ଭାବରେ ପ୍ରଦାନ କରାଯାଉଥିଲା । ଆଜିକାଲିତ ନାରୀମାନେ ସାରୁ ପରିବା, ଯେଉଁଠି ଖପେଇ ଦେବେ ଖପିଯିବେ । ବର୍ତ୍ତମାନ ସମୟରେ ସବୁଠାରୁ ଦାମୀ ଲାଞ୍ଚ ହେଲା ନାରୀ । ଏହି ଲାଞ୍ଚ ସବୁ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ସମ୍ଭବ କରାଇ ପାରୁଛି । ଏପରିକି କାମ ପାଇଁ ବାପା ଝିଅକୁ ଏବଂ ସ୍ୱାମୀ ସ୍ତ୍ରୀକୁ ମଧ୍ୟ ବ୍ୟବହାର କରି ପାରୁଛି ।

ବର୍ତ୍ତମାନ ସବୁଠି, ସବୁ କ୍ଷେତ୍ରରେ ଲାଞ୍ଚର ରାଜୁତି । କିଛି ପାଇବାକୁ ହେଲେ ତ କିଛି ଦେବାକୁ ହେବ । ଏହା ଏକ ମହନୀୟ ପରମ୍ପରା । ଭଗବାନଙ୍କୁ ପାଇବାକୁ ହେଲେ ଆମକୁ ଆମର ହୃଦୟ ସମର୍ପଣ କରିବାକୁ ହେବ । ବାପା-ମା'ଙ୍କଠାରୁ ସ୍ନେହ-ଶ୍ରଦ୍ଧା ପାଇବାକୁ ହେଲେ ସେମାନଙ୍କୁ ଆମର ଭକ୍ତି ଓ ସମ୍ମାନ ଦେବାକୁ ହେବ । ଗୁରୁଙ୍କଠାରୁ ବିଦ୍ୟା ପାଇବାକୁ ହେଲେ ସେମାନଙ୍କୁ ତ ଗୁରୁ ଦକ୍ଷିଣା ଦେବାକୁ ହେବ । ଏହି ମହନୀୟ ଆଦର୍ଶକୁ ଆମେ ପରବର୍ତ୍ତୀ ସମୟରେ ସବୁଠି ପ୍ରୟୋଗ କରିଦେଲେ । କିଛି ପାଇବାକୁ ହେଲେ କିଛି ଦେବା, ଯାହା ଆଜି ଲାଞ୍ଚର ରୂପ ନେଇଛି । ବର୍ତ୍ତମାନ ଏହା ବ୍ୟକ୍ତି ଜୀବନରୁ ଆସି ସାମାଜିକ ଜୀବନ ବିଶେଷ କରି ସରକାରୀ କ୍ଷେତ୍ରରେ ମଧ୍ୟ ପ୍ରବେଶ କରିଛି । ଆଜିର ଯୁଗରେ କୌଣସି କାର୍ଯ୍ୟ ବିନା ଲାଞ୍ଚରେ ହେଉନି । ଆଗପରି ଏହାକୁ କେହି କାହା ଅଗୋଚରରେ କିମ୍ବା ଆଢୁଆଳରେ ଦେଉନାହିଁ କିମ୍ବା ନେଉନାହିଁ । ଲାଞ୍ଚ ଦେବା ପାଇଁ ଆଉ ବାବୁମାନଙ୍କ ଭାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବାକୁ ପଡୁନାହିଁ । ଏହାର ସରକାରୀ କରଣ ହୋଇଯାଇଛି । ସବୁ କଥା – ସବୁ କାମ ଅଫିସରରେ ଚଳି ଯାଉଛି । ବର୍ତ୍ତମାନ ଲାଞ୍ଚ ନେବା ଓ ଲାଞ୍ଚ ଦେବା ଏକ ଗୌରବର କଥା । ଯିଏ ଲାଞ୍ଚ ଦେଇପାରୁନି – ନିଜର କାମ କରାଇ ନେଇ ପାରୁନି, ତାକୁ ଲୋକେ ଅଯୋଗ୍ୟ ବୋଲି କହୁଛନ୍ତି । ବର୍ତ୍ତମାନ ଏହି ଏକବିଂଶ ଶତାବ୍ଦୀରେ ଲାଞ୍ଚ ଏକ ଆଦର୍ଶ । ଯେଉଁ ଗଣତନ୍ତ୍ରକୁ ଆମେ ସବୁଠାରୁ ଉଚ୍ଚମାନର ସରକାରୀ ବ୍ୟବସ୍ଥା ବୋଲି କହୁଥିଲେ ଆଜି ତାହା ସବୁଠାରୁ ନିମ୍ନମାନର ସରକାରୀ ବ୍ୟବସ୍ଥା । ଏହା ସବୁ କେବଳ ଏହି ଲାଞ୍ଚ ପାଇଁ । "Democracy is the best form of Govt." ର ସ୍ଲୋଗାନ ଆଜି ଆଉ ନାହିଁ । ବର୍ତ୍ତମାନ Democracy is the worst form of Govt. । ଖୋଦ ସରକାର ଓ ସରକାରୀ ଲୋକମାନେ ଏହି ଲାଞ୍ଚର ଖାଲି ଜୟଗାନ ନୁହେଁ ବରଂ ଏହାର ପ୍ରଚାର ଓ ପ୍ରସାର ପାଇଁ ଖୁବ୍ ଯତ୍ନଶୀଳ । ଯେଉଁମାନେ ଆଇନ୍‌ର ସ୍ରଷ୍ଟା, ଯେଉଁମାନେ ଆଇନର ରକ୍ଷକ, ସେମାନେ ଏହି ଲାଞ୍ଚକୁ ନିଜର ରକ୍ଷିତା ସ୍ତ୍ରୀ ଭାବରେ ଗ୍ରହଣ କରିନେଇଛନ୍ତି । ଶାସନରେ ସବୁଦିନ ପର୍ଯ୍ୟନ୍ତ ରହିବା ପାଇଁ ସେମାନେ ସମସ୍ତ ପ୍ରକାର କଳ କୌଶଳ ପ୍ରୟୋଗ କରି ଏହି ଲାଞ୍ଚରୂପୀ ରକ୍ଷିତା ସ୍ତ୍ରୀମାନଙ୍କୁ କୋଳରେ ବସାଇଛନ୍ତି । ସାଧାରଣ ଲୋକଙ୍କର ନୈତିକ ଚରିତ୍ରର ଏତେ ଅଧପତନ ଘଟିଛି ଯେ ସେମାନେ ସବୁ ସରକାରୀ ଭିକାରୀ ସାଜି କେବଳ ପାଇବା ପାଇଁ ବ୍ୟାକୁଳ । ବର୍ତ୍ତମାନର ସରକାର ଜନ୍ମଠାରୁ ଜୁଇ ପର୍ଯ୍ୟନ୍ତ ସବୁ ପ୍ରକାରର ସୁବିଧା ସାଧାରଣ ଲୋକମାନଙ୍କୁ ଦେଇ, ସେମାନଙ୍କଠାରୁ ମାତ୍ର ଖଣ୍ଡିଏ ଭୋଟ ଆଦାୟ କରି ନେଉଛନ୍ତି । କେରାଣ୍ଡି ଦେଇ ବାଳିଆ ଧରି ନେଉଛନ୍ତି । ବର୍ତ୍ତମାନ ଏହା ଏକ ସାର୍ବଜନୀନ ଧାରଣା ଯେ ସରକାର ଦେଲେ ଏହା ସାହାଯ୍ୟ ଆଉ ଅନ୍ୟମାନେ ଦେଲେ କିମ୍ବା ନେଲେ ଏହା ଲାଞ୍ଚ । ଏହାଦ୍ୱାରା ସାମାଜିକ ଜୀବନରେ କେତେ ଯେ ଅଧପତନ ଘଟୁଛି, ତାହା ବିଚାର୍ଯ୍ୟ । ଲୋକେ କର୍ମ ବିମୁଖ ହୋଇ ପଡୁଛନ୍ତି । ସବୁ ପ୍ରକାର ପଦାର୍ଥ ଯଦି ମାଗଣାରେ ମିଳିଯାଏ, ସେମାନେ ଆଉ କଷ୍ଟ କରି ପରିଶ୍ରମ କରିବେ କାହିଁକି ? ଏହି ପାଇବା ବଦଳରେ ତ ସେମାନେ କିଛି ବି ଦେଉ ନାହାଁନ୍ତି । ଖାଲି ନିର୍ବାଚନ ସମୟରେ ଖଣ୍ଡିଏ ଭୋଟ ମାତ୍ର । ଏଥିରେ କ୍ଷତି ବା କ'ଣ ? ସରକାରରେ ଥିବା ଏହି ଲାଞ୍ଚୁଆ ମୁଖିଆମାନେ କେତେଦିନ ଏମିତି ଚଳାଇବେ । ସମୟ ଆସିବ ଏଇ ମଣିଷ ସବୁ ବୁଝିବ । କିନ୍ତୁ ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥିବ । ଏହି ମଣିଷ ଯିଏ ମେହନତି ନକରି, ସରକାରୀ ଲାଞ୍ଚ (ସାହାଯ୍ୟ) ଉପରେ ନିର୍ଭର କରି ଜୀବନ ବିତାଉଛି, ଦିନ ଆସିବ ସିଏ ଖାଇବାକୁ ରୁଟି ଖଣ୍ଡିଏ ମଧ୍ୟ ପାଇବ ନାହିଁ । କାରଣ ସେହି ରୁଟି ଖଣ୍ଡିକ ଆସିବ କେଉଁଠୁ ? ସମସ୍ତେ ତ' ସରକାରୀ ଲାଞ୍ଚ ଖାଇ, ତାସ – ପସା ଖେଳି, ସରକାରୀ ମଦ ପିଇ ଖୁବ୍ ଆନନ୍ଦରେ ଅଛନ୍ତି – ସାମାନ୍ୟତମ ପରିଶ୍ରମ ମଧ୍ୟ କରୁନାହାଁନ୍ତି । ବର୍ତ୍ତମାନ ଖୁବ୍ ସୁଖରେ ଅଛନ୍ତି – ଶାନ୍ତିରେ ଅଛନ୍ତି । ସେମାନେ ମନେ ରଖିବା ଉଚିତ ଏ ଦୁନିଆଁ ଏକ ଚକ୍ର । ପ୍ରତିନିୟତ ଘୁରୁଛି । ଦିନ ଯିବ – ରାତି ଆସିବ । ଆଲୁଅ ଯିବ– ଅନ୍ଧାର ଆସିବ । ସୁଖ ଯିବ ଦୁଃଖ ଆସିବ । ଏବେ ମଧ୍ୟ ସମୟ ଅଛି । ସାଧୁ–ସାବଧାନ ।

**କୈଳାଶ ଚନ୍ଦ୍ର ପଣ୍ଡା**
*ସମ୍ପାଦକ "ପ୍ରେମ ପୃଥିବୀ", ଭଦ୍ରକ,*
*ମୋ- ୯୪୩୭୩୩୫୧୮୯*

# ଅନ୍ତଃ ସ୍ୱର

ଜୀବନର ଏକ ଅପରାହ୍ନରେ ବିବେକ ବସି ବସି ଭାବୁଥିଲା ଯେ ବେଳେ ବେଳେ ମଣିଷ ସବୁ ଜାଣିଶୁଣି ବୁଝି ଅବୁଝା ହୁଏ କାହିଁକି ? ଦିଗ୍‌ବଳୟ ଆଡ଼କୁ ଚାହିଁ ଏହାର ଉତ୍ତର ଖୋଜି ପାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାର ଉତ୍ତର ପାଇପାରି ନ ଥିଲା । ଯେପରି କିଏ ଜଣେ କହୁଥିଲା, 'ତୁ ସବୁ ଜାଣି ମଧ୍ୟ ହାରି ଯାଇଛୁ । ନିୟତି ତତେ ହରାଇ ଦେଇଛି । ଆର ଜନ୍ମକୁ ଅପେକ୍ଷା କର ।' ମନ ତାର ଆନ୍ଦୋଳିତ ହୋଇ ଉଠିଲା । କାହିଁକି ଏପରି ହେବ ମୁଁ ସବୁ ଜାଣି ଶୁଣି ବୁଝି କାହିଁକି ହାରିଯିବି । ବିବେକ ରାମକୃଷ୍ଣଙ୍କର ଜୀବନୀକୁ ଖୋଲି ପଢ଼ି ବସିଲା ଓ ଉପଲବ୍ଧି କଲା ଯେ ରାମକୃଷ୍ଣ ପରମହଂସ ଉପଲବ୍ଧି କରିଥିଲେ ଯେ ଆତ୍ମା ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ । କାୟ, ମନ, ବାକ୍ୟରେ ଏହାକୁ ସେ ପାଳନ କରି ବିବେକାନନ୍ଦଙ୍କୁ ଶିକ୍ଷା ଦେଇଥିଲେ । କିନ୍ତୁ ମୁଁ ମଣିଷ ଦେହରେ ଗୋଡ଼ ବାଜିଗଲେ ବିଷ୍ଣୁ କହୁଛି, ଗରିବ ଲୋକଙ୍କୁ ଅନ୍ନବସ୍ତ୍ର ପ୍ରଦାନ କଲେ ଭଗବାନ ତା ଭିତରେ ଅଛି ବୋଲି କଳ୍ପନା କରିପାରୁଛି କିନ୍ତୁ ସମସ୍ତ ନାରୀ ସମାଜ ମଧ୍ୟରେ ଭଗବାନ ଅଛନ୍ତି ଏହା ମୁଁ କାହିଁକି ହୃଦୟଙ୍ଗମ କରିପାରିଲି ନାହିଁ । ରାମକୃଷ୍ଣ ତାଙ୍କର ପତ୍ନୀଙ୍କୁ ମା'ଭବତାରିଣୀଙ୍କ ରୂପରେ ପୂଜା କରିପାରିଥିଲେ କିନ୍ତୁ ମୁଁ ସବୁ ହୃଦୟଙ୍ଗମ କରି ମଧ୍ୟ ଏହାକୁ ଜୀବନରେ ପାଳନ କରିପାରିଲି ନାହିଁ କାହିଁକି ? ମୁଁ ହାରିଯିବାକୁ ଚାହେଁନା ।

ଆଉ ଦିନକର କଥା । ବିବେକ ଅର୍ଥ ଲାଳସାରେ ରାସ୍ତାରେ ଚାଲୁଥିବା ବେଳେ ଶଙ୍କରାଚାର୍ଯ୍ୟଙ୍କର ଶ୍ଲୋକକୁ କେହି ଜଣେ ଆବୃତ୍ତି କରୁଥିବାର ଶୁଣିଲା । ଶ୍ଲୋକଟି ଥିଲା– 'ଅର୍ଥଂ ଅନର୍ଥଂ ଭାବାୟ ନିତ୍ୟଂ ନାସ୍ତି ତତଃ ସୁଖଲେଶ ସତ୍ୟଂ । ପୁତ୍ରାଦପି ଧନ ଭାର୍ଯ୍ୟାଂ ଭୀତି ସର୍ବଂ ତ୍ରୈଷା ବିହିତାଭୀତି' । ବିବେକ ଏହାକୁ ଶୁଣି ହୃଦୟଙ୍ଗମ କଲା ଅର୍ଥ ସମସ୍ତ ଅନର୍ଥର କାରଣ କିନ୍ତୁ ମନୁଷ୍ୟ ଏହାକୁ ସବୁଦିନ ଜୀବନରେ ଚାହେଁ । ଏଥିରେ



ତିଳେମାତ୍ର ସୁଖ ନାହିଁ । ଯାହା ପାଖରେ ଧନ ଥାଏ, ତା' ନିକଟରେ ସ୍ତ୍ରୀ, ପୁତ୍ର ଧନ ସବୁବେଳେ ଭୟର କାରଣ ହୋଇଥାନ୍ତି । ବିବେକ ଉପଲବ୍ଧି କଲା ଯେ ଜୀବନରେ ଅତି ପରିମାଣର ଅର୍ଥର ଆବଶ୍ୟକତା ନାହିଁ ଏହା ଚୌର୍ଯ୍ୟଭୟ ସୃଷ୍ଟି କରେ । ମଣିଷର ମୃତ୍ୟୁପରେ ତାର ଗୁପ୍ତଧନ ଅବ୍ୟବହୃତ ହୋଇ ପଥର ସମାନ ପଡ଼ିରହେ ସେଥିପାଇଁ କଥାରେ ଅଛି 'ପୁତ୍ର ନାଦି ଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ ଓ ପୁତ୍ର ଯଦି ଅଯୋଗ୍ୟ ଧନ କାହିଁ ପାଇଁ ସଞ୍ଚୁ' । ବିବେକ ହୃଦୟଙ୍ଗମ କଲା ମଣିଷ ଖାଦ୍ୟ ଖାଏ ଟଙ୍କା, ସୁନା, ରୁପା ନୁହେଁ ତଥାପି ମୁଁ ଅର୍ଥ ପଛରେ କାହିଁକି ପାଗଳ ପରି ଧାଉଁଛି । ମୁଁ କାମନାର ସୀମାଙ୍କନ କରି ସନ୍ତୁଷ୍ଟ କାହିଁକି ରହିପାରୁ ନାହିଁ । ସବୁ ଜାଣି ଶୁଣି ବୁଝି ମତେ କ'ଣ ଏ ସତ୍ୟ ନିକଟରେ ହାରିଯିବାକୁ ପଡ଼ିବ ।

ମହାମାରୀରେ ବିବେକର ସ୍ତ୍ରୀ ଓ ପୁତ୍ରଙ୍କର ମୃତ୍ୟୁ ହୁଏ । ଶ୍ମଶାନକୁ ଯିବା ପୂର୍ବରୁ କେହି ଜଣେ କହି ଉଠିଲେ ଆରେ ତା' ସ୍ତ୍ରୀ ବେକରୁ ସୁନାହାରଟିକୁ କାଢ଼ି ଆଣି ବିବେକକୁ ଦିଅ । ବିବେକ ନିଶ୍ଚଳ ହୋଇ ଠିଆ ହୋଇଥିବା ସମୟରେ ତାର ସ୍ତ୍ରୀର କାନଫୁଲ, ହାର, ଚୁଡ଼ି ଇତ୍ୟାଦି ଓ ପୁଅର ସୁନାହାର କେହି ଜଣେ ତାର ହାତକୁ ବଢ଼ାଇ ଦେଲେ । ମନବୋଧ ଚଉତିଶା । ବିବେକର ହୃଦୟରେ ଗୁଞ୍ଜରିତ ହେବାକୁ ଲାଗିଲା 'କେତେ ଦିନକୁ ମନ କରିଛୁ ଆଣ୍ଟ । କି ଘେନି ଯିବୁ ତୁହି ଛୁଟିଲେ ଘଟରେ ।' ଶ୍ମଶାନରୁ ଘରକୁ ଫେରିବାପରେ ଏଗାର ଦିନ ଘରକୁ ପବିତ୍ର କରିବା ପାଇଁ କେହି ଜଣେ ଆତ୍ମୀୟ ଶଙ୍କରାଚାର୍ଯ୍ୟଙ୍କର ଏକ ଶ୍ଲୋକଟିଏ ଟେପରେ ବାଜୁଥିବା ବିବେକ ଶୁଣିଲା । ଶ୍ଲୋକଟି ଥିଲା-କାତେ କାନ୍ତା କଃତେ ପୁତ୍ର ସଂସାର ଅୟଂ ଅତିବ ବିଚିତ୍ର । ଦ୍ୱିତୀୟ ଶିଶୁ ପୁତ୍ରଟିକୁ ଲାଳନ ପାଳନ ନିମନ୍ତେ ପରିବାରର ବାଧ୍ୟବାଧକତାରେ ବିବେକ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ପାଇଁ ବାଧ ହେଲେ, ନଚେତ ପତ୍ନୀଙ୍କର ମୃତ୍ୟୁ ପରେ ତାଙ୍କର ସଂସାରକୁ ସମ୍ଭାଳିଆ'ନ୍ତା କିଏ ? ପୁଣି ବିବେକ ଜାଣି ପାରିଲେ ସେ ଜାଣି ଶୁଣି ବୁଝି ହୃଦୟଙ୍ଗମ କରି ସତ୍ୟ ନିକଟରେ ସେ ହାରି ଯାଇଛନ୍ତି ।

ଦିନେ ପୁରୀଯାତ୍ରା ସମୟରେ ପହଡ଼ ଫାଙ୍କରେ କାଳିଆ ଶ୍ରୀମୁଖକୁ ଚାହିଁ ବିବେକ ପଚାରିଥିଲା ପାଖରେ ଥାଇ ମଧ୍ୟ ତୁମେ ଏତେ ଦୂରରେ ପ୍ରତୀୟମାନ ହେଉଛ କାହିଁକି ? ଚାହିଁବା ମାତ୍ରେ ଡାକିବା ମାତ୍ରେ ସଙ୍ଗେ ସଙ୍ଗେ ଉଭା ହେଇପାରୁନ କାହିଁକି ? ତୁମର ଦର୍ଶନାଭିଳାଷୀ ହୋଇ ପାନ୍ଥଶାଳାରେ ଖାଇ ସମୁଦ୍ର କୂଳରେ ବୁଲି ତୁମକୁ ପାଶୋରି ଯିବାକୁ ମୁଁ ଚେଷ୍ଟା କରେ କାହିଁକି ? ଯାହାଙ୍କୁ ଦର୍ଶନ କଲେ ଅନ୍ୟ କିଛି ଦର୍ଶନ କରିବାକୁ ଇଚ୍ଛାହୁଏନାହିଁ ଏଖଥା ଶାସ୍ତ୍ରରେ ଲେଖାଥିଲେ ମଧ୍ୟ ଏକଥାକୁ ମୋ ମନ ମାନେନାହିଁ କାହିଁକି ? ସବୁ ଜାଣିଶୁଣି ବୁଝି ମୁଁ କ'ଣ ହାରି ଯାଇଛି ?

ମହୋଦଧି ଆଡ଼କୁ ଚାହିଁ ବିବେକ ଅସୁମାରୀ ତରଙ୍ଗକୁ ଦେଖି ଭାବୁଥିଲା ବେଳେ ଏକ ମୃଦୁ ମୂର୍ଚ୍ଛନା ଶୁଣିବାକୁ ପାଇଲା–"ପ୍ରକୃତ ହୃଦୟରେ ତୁ ଯାହା ଚାହୁଁଛୁ ତୁ ତାକୁ ପାଇବାକୁ ଚେଷ୍ଟିତ ନୁହଁ । ପ୍ରହେଳିକାରେ ପଡ଼ି ଏ ସୃଷ୍ଟିର ସମସ୍ତ ବସ୍ତୁକୁ ଧରି ତୁ ମୋ ନିକଟକୁ ଆସିବାକୁ ଚାହୁଁଛୁ କିନ୍ତୁ ଏହା ସମ୍ଭବ ନୁହେଁ । ତୁ ସମସ୍ତ ଆବିଳତା, ବନ୍ଧନ, କାମନାକୁ ପରିତ୍ୟାଗ କରିଦେ ବିବେକ ତେବେ ତୁ ପ୍ରକୃତରେ ରାମକୃଷ୍ଣ, ଶଙ୍କରାଚାର୍ଯ୍ୟଙ୍କର ତତ୍ତ୍ୱ ଓ ମୋର ପ୍ରକୃତି ଦର୍ଶନ ଲାଭ କରିପାରିବୁ ।"

**–ଅନୀତା ପଟ୍ଟନାୟକ**
*ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ,*
*ଦୂରଭାଷ: ୯୮୬୧୧୧୮୬୭୩*




# ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ : ପାଳଛତୁ ଚାଷ

ବର୍ତ୍ତମାନ ସମୟରେ ଯୁବସମାଜ ନିଯୁକ୍ତି ପାଇଁ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି। ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। କିନ୍ତୁ ଏବେ ସମୟ ଆସିଛି ପରିବର୍ତ୍ତନର। ଦିନଥିଲା କୃଷି ହିଁ ସାମାଜିକ ଜନଜୀବନର ପ୍ରମୁଖ ଆଧାାର ଥିଲା। କୃଷିକୁ ଆଧାର କରି ଲୋକେ ପରିବାର ପ୍ରତିପୋଷଣ କରୁଥିଲେ। ଆଜି ଆଉ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଚାଷବାସ ପ୍ରତି ସେପରି ଶ୍ରଦ୍ଧା ନାହିଁ। ନା ଅଛି ଆନ୍ତରିକତା ନା ଅଛି ମନୋବଳ। କେହି ବି ଆଉ କ୍ଷେତକୁ ପଶିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ପରନ୍ତୁ ଏପରି କିଛି ଚାଷ ଅଛି ଯାହାକୁ ଆପଣେଇପାରିଲେ କର୍ମନିଯୁକ୍ତି ମିଳିବା ସହ ଆତ୍ମନିର୍ଭରଶୀଳ ମଧ୍ୟ ହୋଇପାରିବେ। ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ ପାଳଛତୁ ଚାଷ। ସବୁଆଡ଼େ ଏବେ ଛତୁର ଢ଼େର ଚାହିଦା। ବଜାରରେ ବି ଛତୁର ସ୍ଥାନ ସ୍ୱତନ୍ତ୍ର। ଏପରି ସ୍ଥିତିରେ ଛତୁଚାଷ ଲାଭବାନ ହେବାର ଏକ ବିକଳ୍ପ କହିଲେ ଭୁଲ ହେବନାହିଁ। ଯୁବଗୋଷ୍ଠୀ ହୁଅନ୍ତୁ କି ନାରୀ , ଯିଏ କେହି ବି ଚାହିଁଲେ ଏହାକୁ ଚାଷ କରି ରୋଜଗାରକ୍ଷମ ହୋଇପାରିବେ। ତେବେ ଏଥର ପାଳଛତୁ ଚାଷର ବିସ୍ତୃତ ପ୍ରଣାଳୀକୁ ନେଇ ସ୍ୱତନ୍ତ୍ର ପ୍ରତିବେଦନ.....

**ଛତୁ ଚାଷ କଣ ପାଇଁ -**

ଓଡ଼ିଶାରେ ବିଭିନ୍ନ ଋତୁରେ ବିଭିନ୍ନ ପନିପରିବା , ଫୁଲ , ଫଳ ଇତ୍ୟାଦି ଚାଷ କରାଯାଇଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଶସ୍ୟ ଜାତୀୟ ଫସଲ ଉତ୍ପାଦନରେ ବେଶ ଆଗରେ ଅଛି। କିନ୍ତୁ ଛତୁ ଚାଷ ଏପରି ଏକ ମାଧ୍ୟମ ଯାହା ଦ୍ୱାରା ବେକାର ଯୁବକ ଯୁବତୀ ମାନେ ସହଜରେ ରୋଜଗାର କରିପାରିବେ। ନିଜ ଗୋଡ଼ରେ ନିଜେ



ଠିଆ ହେବାର ଏକ ସଫଳ ପ୍ରଚେଷ୍ଟା ଏହି ଚାଷ। ଏହାକୁ ଜଣେ କମ ସମୟ ମଧ୍ୟରେ ନିଜ ଘରେ ମଧ୍ୟ ଚାଷ କରିପାରିବ। ଆବଶ୍ୟକୀୟ ପଦ୍ଧତିକୁ ସୂଚାରୁ ରୂପେ ସମ୍ପାଦନ କରିପାରିଲେ କମ ସମୟରେ ଅମଳ କରି ଲାଭବାନ ବି ହୋଇପାରିବ। ବର୍ତ୍ତମାନ ଅନେକ ଯୁବଗୋଷ୍ଠୀ ଏହାକୁ ଆପଣେଇ ନିଜ ଘରେ ଚାଷକରି ବେଶ ପଇସା କମାଉଛନ୍ତି। ସୁତାରଂ, ଏହା ଏକ ସଫଳ ଚାଷ ଭାବେ ପରିଗଣିତ ହୋଇଛି।

**ତାପମାତ୍ରା ନିୟନ୍ତ୍ରଣ -**

ସାଧାରଣତଃ ୨୫-୨୫ ଡ଼ିଗ୍ରୀ ସେଲସିୟସ ତାପମାତ୍ରା ପାଳଛତୁ ଚାଷ ପାଇଁ ସର୍ବୋତ୍କୃଷ୍ଟ ହୋଇଥାଏ। ଓଡ଼ିଶାରେ ମାର୍ଚ୍ଚ ଠାରୁ ଆରମ୍ଭ କରି ନଭେମ୍ବର ଯାଏଁ ଏହାକୁ ଚାଷ କରାଯାଇପାରେ। ପାଳଛତୁ ଚାଷରେ ତାପମାତ୍ରା ନିୟନ୍ତ୍ରଣ ଏକ ପ୍ରମୁଖ ବ୍ୟବସ୍ଥା। କାରଣ ତାପମାତ୍ରାରେ ଅସାମଂଜସ୍ୟ ଦେଖାଗଲେ ଅମଳରେ ଅସୁବିଧା ଦେଖାଯାଏ। ୩୦ ରୁ ୩୫ ଡ଼ିଗ୍ରୀ ତାପମାତ୍ରା ଅମଳ ପାଇଁ ଉପଯୋଗୀ ହୋଇଥାଏ। ଖରାଦିନ ମାନଙ୍କରେ ଯଦି ତାପମାତ୍ରା ଅଧିକ ହୋଇଯାଏ ତାହେଲେ ଚାଷ କରାଯାଉଥିବା ସ୍ଥାନ ମାନଙ୍କରେ କାନ୍ଥରେ ଓଦା ଅଖା ଟାଣି ତାପମାତ୍ରା ନିୟନ୍ତ୍ରଣ କରାଯାଏ। ସକାଳ ଠାରୁ ସଂଧ୍ୟା ଯାଏଁ ଛତୁ ବେଡ଼ ଉପରୁ ପଲିଥିନ କାଢ଼ି ଦେବା ଆବଶ୍ୟକ। ପାଳଛତୁ ଅନ୍ୟ ଛତୁଚାଷ ଅପେକ୍ଷା ଅଧିକ ଆଲୋକ ଆବଶ୍ୟକ କରିଥାଏ। ତେଣୁ କାନ୍ଥ ବିହୀନ ଘରେ ଚାଷ କଲେ ଏହା ଭଲ ଫଳ ଦେଇଥାଏ। କାରଣ ଏହି ସ୍ଥାନରେ ଆବଶ୍ୟକ ମାତ୍ରାରେ ଆଲୋକ ମିଳିପାରେ। କାନ୍ଥ ଥିବା ଘରେ ଚାଷ କଲେ ସେଥିରେ ଝରକା ରହିବା ଦରକାର। କାରଣ ବିନା ଝରକାରେ ସୂର୍ଯ୍ୟାଲୋକ ସିଧାସଳଖ ଛତୁ ବେଡ଼ ଉପରେ ପଡ଼ିଥାଏ। ତେଣୁ ନଡ଼ା ଶୁଖିଯିବାର ସମ୍ଭାବନା ଥାଏ। ଏବେ ତ ଉତ୍ତାପ ବା ଆଲୋକ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା ଉପଲବ୍ଧ ହେଲାଣି। ପାଳଛତୁ ଚାଷ ପାଇଁ ୮୫-୯୫ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ। ଖରା ଦିନେ ଆର୍ଦ୍ରତା କମିଗଲେ ଚଟାଣରେ ପାଣିଢ଼ାଳି ଏହାକୁ ରକ୍ଷା କରାଯାଇପାରିବ। ଏତଦବ୍ୟତୀତ ପାଳଛତୁର ବୃଦ୍ଧି ଓ ଫୁଟିବା ସମୟରେ ଅମ୍ଳଜାନ ଆବଶ୍ୟକ ହୋଇଥାଏ। ତେଣୁ ବନ୍ଦ କୋଠରୀରେ ଏହାକୁ କରିବା ଅନୁଚିତ।

**ଆବଶ୍ୟକୀୟ ଉପାଦାନ -**

ନଡ଼ା - ପାଳଛତୁ ଚାଷରେ ନଡ଼ା ୧୫-୨୦ ବିଡ଼ା ଆବଶ୍ୟକ। ଧାନ ନଡ଼ା ନମିଳିଲେ ମାଣ୍ଡିଆ ବା ଆଖୁଛେଦା ବି ବ୍ୟବହାର କରାଯାଇପାରିବ।



**ଛତୁ ବିହନ** - ୩୫୦-୪୦୦ଗ୍ରାମର ଉଚ୍ଚ ବିହନ ପାଳଛତୁ ଚାଷ ପାଇଁ ଆବଶ୍ୟକ ହୋଇଥାଏ।

**ବେସନ ବା ଡ଼ାଲିଗୁଣ୍ଡ** - ଗୋଟିଏ ବେଡ଼ ଛତୁ ପାଇଁ ୨୦୦-୨୫୦ଗ୍ରାମ ଡ଼ାଲିଗୁଣ୍ଡ ଆବଶ୍ୟକ ହୁଏ। ଏହାକୁ ଛତୁର ଖାଦ୍ୟ ବୋଲି ବିବେଚନା କରାଯାଏ।

**ପଲିଥିନ** - ଛତୁ ବେଡ଼କୁ ଚାରିପଟୁ ଘୋଡ଼ାଇବା ପାଇଁ ପଲିଥିନ ଦରକାର। ୨ ଫୁଟ ଲମ୍ବ,ପସ୍ଥ ଓ ଉଚ୍ଚତାର ବେଡ଼ ପାଇଁ ୬ ଫୁଟ ଲମ୍ବ ଓ ପ୍ରସ୍ଥ ପଲିଥିନ ଆବଶ୍ୟକ ହୋଇଥାଏ।

**ଚାଷ ପ୍ରଣାଳୀ -**

ନଡ଼ା ବିଶୋଧନ- ପ୍ରଥମେ ନଡ଼ାର ଦୁଇ ପଟକୁ କାଟି ୨ଫୁଟ ଲମ୍ବର ନଡ଼ା ପ୍ରସ୍ତୁତ କରନ୍ତୁ। ପରେ ଏହାକୁ ୧୨-୨୪ ଘଣ୍ଟା ଯାଏଁ ପରିଷ୍କାର ପାଣିରେ ବତୁରାଇ ରଖନ୍ତୁ। ଏହାକୁ ବତୁରାଇବା ପୂର୍ବରୁ ପାଣି ମଧ୍ୟରେ ଚୂନ ପକାନ୍ତୁ । କାରଣ ଏହା ଦ୍ୱାରା ମାଇସେଲିୟମ ଭଲ ଭାବରେ ବଢ଼ିଥାଏ। ୧ ଲିଟର ପାଣିରେ ୨୦ଗ୍ରାମ ଚୂନ ମିଶାଇ ସେଥିରେ ବତୁରାଇବା ଦରକାର। ଏହା ପରେ ଗରମ ପାଣିରେ (ଉଷୁମ) ୧୫-୨୦ ମିନିଟ ବୁଡ଼ାଇ ଏହାକୁ ସେଥିରୁ କାଢ଼ି ଏକ ଉଚ୍ଚା ଜାଗା କିମ୍ବା କୌଣସି ଏକ ସ୍ଥାନରେ ଢ଼େରଣା ଦେଇ ରଖାଯାଏ। ଯେପରିକି ନଡ଼ାରୁ ସମ୍ପୂର୍ଣ୍ଣ ଭାବେ ପାଣି ଗଡ଼ିଯାଇଥିବ। ନଡ଼ାରୁ ପୁରା ପାଣି ନିଗିଡ଼ା ଗଲା ପରେ ଏହାକୁ ଚାରି ଭାଗ କରାଯାଏ।

**ଭାଡ଼ି ପ୍ରସ୍ତୁତି** - ଭାଡ଼ିର ଚାରିପଟେ ୪ ଗୋଟି ଇଟା ଦେଇ ୨ଫୁଟ ଲମ୍ବ , ୨ ଫୁଟ ଓସାରର ବାଉଁଶ ବା କାଠରେ ଭାଡ଼ି କରାଯାଏ। ଭାଡ଼ିଠୁ ମାଟି ୬-୧୨ ଇଂଚ ଉଚ୍ଚାରେ ରହିବା ଆବଶ୍ୟକ। ନହେଲେ ପିମ୍ପୁଡ଼ି , ମୂଷାର ଭାଡ଼ିକୁ ଆକ୍ରମଣ କରିବାର ଭୟ ଥାଏ।

**ମଂଜି** - ବୋତଲରେ ଥିବା ଛତୁ ବିହନକୁ ଭାଙ୍ଗି ବାହର କରାଯାଏ। ମଂଜି ଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ କରି ଏହାକୁ ଚାରି ଭାଗ କରାଯାଏ।

**ବେଡ଼ ପ୍ରସ୍ତୁତି** - ପ୍ରସ୍ତୁତ କରାଯାଇଥିବା ଭାଡ଼ି ଉପରେ ପୂର୍ବ -ପଶ୍ଚିମ କରି ଏକ ଭାଗ ନଡ଼ା ବିଛାଇ ଦିଆଯାଏ। ଏପରି କଲେ ନଡ଼ା ଭୁସୁଡ଼ିବ ନାହିଁ। ନଡ଼ା ଉପରୁ ୫-୭ ସେମି ଛାଡ଼ି ଗୋଟିଏ ଭାଗଛତୁ ବିହନକୁ ଗୋଟି ଗୋଟି କରି ରଖାଯାଏ। ଏକ ଭାଗ ଡ଼ାଲି ଗୁଣ୍ଡକୁ ଏହି ମଂଜି ଉପରେ ସମାନ ଭାବରେ ରଖାଯାଏ। ଏହା ଛତୁ ଭାଡ଼ିର ପ୍ରଥମ ସ୍ତର। ଏହା ପରେ ପ୍ରଥମ ସ୍ତର ଉପରେ ଉତ୍ତର -ଦକ୍ଷିଣ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏବଂ ପୁଣି ପ୍ରଥମ ସ୍ତର ପରି ଆଉ ଏକ ଭାଗ ମଂଜି ଓ ନାଲି ଗୁଣ୍ଡକୁ ପ୍ରୟୋଗ କରାଯାଏ। ଦ୍ୱିତୀୟ ସ୍ତର ଉପରେ ପୂର୍ବ ପଶ୍ଚିମ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏହା ପରେ ବାକି ଥିବା ୨ ଭାଗ ବିହନ ଓ ନାଲି ଗୁଣ୍ଡକ ପ୍ରୟୋଗ କରାଯାଏ। ଏହା ଛତୁ ବେଡ଼ର ତୃତୀୟ ସ୍ତର। ତୃତୀୟ ସ୍ତର ଉପରେ ଉତ୍ତର - ଦକ୍ଷିଣ ଦିଗରେ ପୁଣି ଏକ ଭାଗ ନଡ଼ା ବିଛାଇଦିଆଯାଏ। ଏପରି ଭାବେ ଚାରୋଟି ସ୍ତରକୁ ନେଇ ଗୋଟିଏ ବେଡ଼ ପ୍ରସ୍ତୁତ ହୋଇଥାଏ। ଏହା ପରେ ବେଡ଼କୁ ପଲିଥିନ ଦ୍ୱାରା ଘୋଡ଼ାଇ ଦିଆଯାଏ। ବେଡ଼ ପକାଇବାର ୪-୫ ଦିନ ପରେ - ପଲିଥିନ ଟେକି ବେଡ଼ର ବତରସ୍ତରକୁ ଅନୁଧ୍ୟାନ କରି ବତର କମ୍ ଥିଲେ ପାଣି ସ୍ପ୍ରେ କରିପାରିବେ। ୭-୧୦ ଦିନ ବେଳକୁ ଛତୁ ନଡ଼ା ଉପରେ ସମ୍ପୂର୍ଣ୍ଣ ମାଡ଼ିଗଲେ ପଲିଥିନକୁ ବାହାର କରିଦିଆଯାଏ।

**ଅମଳ ପ୍ରକ୍ରିୟା** - ବେଡ଼ ପକାଇବାର ୯-୧୦ ଦିନରେ ପ୍ରଥମ କଢ଼ ଦେଖାଦିଏ। ଏବଂ ଏହାର ୩-୪ ଦିନ ପରେ କଢ଼ ତୋଳାଯାଏ। କଢ଼ ଛତୁର ଚାହିଦା ବଜାରରେ ଅନେକ ଥାଏ। ତୋଳିବାର ଯଥାଶୀଘ୍ର ଏହାକୁ ବିକ୍ରି ପାଇଁ ନେବା ଆବଶ୍ୟକ। ନହେଲେ ଏହାର ଓଜନ କମିଯାଏ। ଗୋଟିଏ ଭାଡ଼ିରୁ ୨-୩ ଦିନ ଯାଏଁ ଅମଳ ମିଳିଥାଏ। ପ୍ରଥମ ପର୍ଯ୍ୟାୟର ୭-୮ ଦିନ ପରେ ପୁଣି ଫୁଟିଥାଏ। ଗୋଟିଏ ବେଡ଼ରୁ ୧-୧.୫ କିଗ୍ରା ଛତୁ ମିଳିପାରେ ।



## ସଫଳ ଛତୁ ଚାଷୀ - ଦେବୀ ପ୍ରସାଦ ପତି



କଟକ ଜିଲ୍ଲାର ବୟାଳିଶ ମୌଜା ଅଂଚଳର ଶ୍ରୀଯୁକ୍ତ ଦେବୀ ପ୍ରସାଦ ପତି। ଯୁବାବସ୍ଥାରୁ ଚାଷ ପ୍ରତି ଅହେତୁକ ନିଶା ରଖିଥିବା ଶ୍ରୀ ପତି ଜଣେ ସମାଜସେବୀ ହେଲେ ବି କୃଷି ପାଇଁ ତାଙ୍କ ମନ ସଦା ଆବେଗପୂର୍ଣ୍ଣ। ବର୍ତ୍ତମାନ ନିଜ ଗାଁରେ ଚାଷୀମାନଙ୍କୁ ଜୈବିକ କୃଷିର ତାଲିମ ଦେବା ସହ ଛତୁ ଚାଷ ଉପରେ ବି ପ୍ରଶିକ୍ଷଣ ଦେଉଛନ୍ତି। ନିଜେ ଘରେ ଛତୁ ଚାଷ କରି ବେଶ ଲାଭବାନ ହୋଇପାରିଛନ୍ତି ସେ। ତାଙ୍କ କହିବା ଅନୁସାରେ ଛତୁ ଚାଷ ପାଇଁ ପରିଶ୍ରମ କମ ହେବା ସହ ଟଙ୍କା ମଧ୍ୟ ଅଳ୍ପ ଖର୍ଚ୍ଚ ହୋଇଥାଏ। ଜଣେ ଯଦି ଠିକ ଭାବେ ସମୟ ଦେଇ ଏହାକୁ ପରିଚାଳନା କରିପାରିଲା , ତେବେ ନିଶ୍ଚୟ ଲାଭାନ୍ୱିତ ହୋଇପାରିବ । ସେ ନିଜେ ଛତୁ ଚାଷ କରି ପାଖ ବଜାରକୁ ପଠାଇବା ସହ ଏବେ ନିଜ ଗାଁ ପାଇଁ ପାଲଟିଯାଇଛନ୍ତି ରୋଲ ମଡ଼େଲ। ଜଣେ ସଫଳ ଛତୁ ଚାଷୀ ଭାବେ ଆଜି କଟକ ଜିଲ୍ଲାରେ ତାଙ୍କର ବେଶ ପରିଚୟ ମଧ୍ୟ ରହିଛି। ଆଗକୁ ଯୁବକ ମାନେ ଏହି ଛତୁକୁ ଆପଣେଇଲେ କର୍ମ ନିଯୁକ୍ତି ପାଇପାରିବେ ବୋଲି ଶ୍ରୀ ପତି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଛତୁ ଚାଷ ଏକ କଷ୍ଟଦାୟକ ଚାଷ ନୁହେଁ , ବରଂ ଏହା ଦ୍ୱାରା ଆତ୍ମସନ୍ତୋଷ ମିଳିଥାଏ । ତେଣୁ ଛତୁ ଚାଷ କରି ନିଜକୁ ବି ରୋଜଗାରକ୍ଷମ କରନ୍ତୁ ଆଉ ଲାଭବାନ ବି ହୁଅନ୍ତୁ।

# ଯୁବ ଉଦ୍ୟୋଗର ନୂଆ ସମ୍ଭାବନା : ମିଶ୍ରିତ ମାଛଚାଷ

ମାଛଚାଷ ରେ କେବଳ ଥରେ ମାଛ ଯାଆଁଳ ପୋଖରୀ ବା ଗାଡ଼ିଆରେ ଛାଡ଼ି ଦେଇ ବର୍ଷ ? ଛଅ ମାସ ବ୍ୟବଧାନରେ ସେଥିରୁ ଆମଦାନୀ କରିବାକୁ ମାଛଚାଷ କୁହାଯାଏ ନାହିଁ । ଏହା ଅନ୍ଧାରରେ ବାଡ଼ି ବୁଲେଇବା ସହ ସମାନ । ଲାଭଜନକ ଭାବରେ ମାଛଚାଷ କରିବାକୁ ହେଲେ ଆପଣଙ୍କୁ ନୂଆ ନୂଆ ଧରଣର ମାଛଚାଷର ପଦ୍ଧତିକୁ ଅନୁସରଣ କରିବାକୁ ପଡ଼ିଥାଏ, ଯଥା : ବ୍ୟବହାରିକ ମାଛଚାଷ, ସଘନ ପ୍ରଣାଳୀରେ ମାଛଚାଷ ଅଥବା ମିଶ୍ରିତ ମାଛଚାଷ ଇତ୍ୟାଦି । ଉପରୋକ୍ତ ଚାଷ ପ୍ରଣାଳୀ ମଧ୍ୟରୁ ମିଶ୍ରିତ ମାଛଚାଷ ପ୍ରଣାଳୀ ଆଜି ଆମ ଦେଶରେ ବହୁତ ଭାବରେ କରାଯାଉଛି, ଏହାର କାରଣ ଆପଣ ଯଦି ମିଶ୍ରିତ ମାଛଚାଷ କରନ୍ତି ତେବେ ମାଛ ସଙ୍ଗେ ସଙ୍ଗେ ସେହି ସ୍ଥାନରୁ ଆପଣ ଏକାଧାରରେ ମାଛ, ମାଂସ, ଅଣ୍ଡା, ଦୁଗ୍ଧ, ପନିପରିବା, ଫଳ ଇତ୍ୟାଦି ପାଇପାରିବେ ।

ତେଣୁ ଆସନ୍ତୁ ବର୍ତ୍ତମାନ ମିଶ୍ରିତ ମାଛର ପ୍ରଣାଳୀ ବିଷୟରେ କିଛି ଅଧିକ ଜାଣିବା । ମିଶ୍ରିତ ମାଛଚାଷରେ ଧାନ ଏବଂ ମାଛ, କୁକୁଡ଼ା ଏବଂ ମାଛ, ଗାଈ ଏବଂ ମାଛି, ବତକ ଏବଂ ମାଛଚାଷ ଏକା ସାଙ୍ଗରେ କରାଯାଇଥାଏ ।ଆପଣଙ୍କ ପୋଖରୀ ଚାରିପଟେ ଥିବା ବନ୍ଧରେ ସାଧାରଣତଃ ଆପଣ ଘାସ ଲଗାଇଥାନ୍ତି କାରଣ ବନ୍ଧ ଯଦି ଘାସ ଦ୍ୱାରା ଆବୃତ ହୋଇ ନଥାଏ ତେବେ ବନ୍ଧରୁ ମାଟି ଅତଡ଼ା ଖସିବା ସଙ୍ଗେ ସଙ୍ଗେ ମୃର୍ତ୍ତିକା କ୍ଷୟ ହୋଇଥାଏ । କିନ୍ତୁ ଏହି ଘାସ ଆପଣଙ୍କର କୌଣସି ଦରକାରୀ କାମରେ ଆସେ ନାହିଁ, ଯଦି ଆପଣ କିଛି ଗାଈ ରଖନ୍ତି ତେବେ ଗାଈ ଘାସ ଖାଇବେ ଏବଂ ଗାଈର ଗୋବରକୁ ଆପଣ ପୋଖରୀରେ ଖତ ଭାବରେ ବ୍ୟବହାର କରିପାରିବେ । ଯଦି ପୋଖରୀ ବନ୍ଧରେ ଆପଣ ନଡ଼ିଆ, କାଜୁବାଦାମ, ଗୁଆ, ଅନ୍ୟାନ୍ୟ ପନିପରିବା ଲଗାନ୍ତି ତେବେ ଏକ ସଙ୍ଗରେ ଆପଣ ପୋଖରୀରୁ ପାଣି ଦେଇ ଗଛମାନଙ୍କୁ ବଢ଼ାଇପାରିବା ସଙ୍ଗେ ସଙ୍ଗେ ଏହାର ଫଳ ଇତ୍ୟାଦି ବିକ୍ରୀ କରି ଆପଣ ମାଛଛଡ଼ା ଆଉ ଦୁଇ ପଇସା ଅଧିକ ରୋଜଗାର କରିପାରିବେ । ମାଛଚାଷ ହେଉଥିବା ପୋଖରୀରେ



ଜଳ, ଗେଣ୍ଡା, ଶାମୁକା ଇତ୍ୟାଦି ରୁହନ୍ତି, ଆପଣ ଯଦି କିଛି କୁକୁଡ଼ା ବା ବତକ ରଖିବେ ତେବେ ବତକମାନେ ପୋଖରୀ ପାଣିକୁ ସଫା ରଖିବା ସଙ୍ଗେ ସଙ୍ଗେ ସେମାନେ ପୋଖରୀରେ ମଳତ୍ୟାଗ କରନ୍ତି ଯାହା କି ସାର ରୂପରେ ବ୍ୟବହାର ହୋଇଥାଏ । ସାର ପକାଇବା ପାଇଁ ଆପଣଙ୍କୁ ଅଧିକ ପରିଶ୍ରମ ବା ପାରିଶ୍ରମିକ ଦେବାକୁ ହୋଇ ନଥାଏ ଏବଂ ତତ୍ ସଙ୍ଗେ ସଙ୍ଗେ ଏମାନଙ୍କର ଅଣ୍ଡା ବା ମାଂସ ଆପଣ ବିକ୍ରୟ କରିପାରିବେ । ଯଦି କୁକୁଡ଼ା ରଖନ୍ତି ତେବେ କୁକୁଡ଼ାମାନଙ୍କୁ ପୋଖରୀରେ ବଢୁଥିବା ଗେଣ୍ଡା, ଶାମୁକା ଇତ୍ୟାଦି ଖାଇବାକୁ ଦିଅନ୍ତୁ । କୁକୁଡ଼ାର ମଳ ମଧ୍ୟ ଆପଣ ପୋଖରୀରେ ବ୍ୟବହାର କରି ଲାଭବାନ୍ ହେବେ । ତେଣୁ ମିଳିତ ମାଛଚାଷରେ ପଶୁଧନ ପାଳନରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ଯଥା – ଗୋବର, ଛେଳିଲଣ୍ଡି, କୁକୁଡ଼ା ଖତ ପ୍ରଭୃତି ମାଛଚାଷ ପାଇଁ ଜୈବିକ ସାର ରୂପେ ବ୍ୟବହାର ହୋଇ ପାରିବା ସଙ୍ଗେ ସଙ୍ଗେ ପୋଖରୀର ଜଳ ଓ ଜୈବିକ ଗୁଣ ସାରଯୁକ୍ତ ପଙ୍କକୁ ବିଭିନ୍ନ ଫସଲ ପାଇଁ ବିନିଯୋଗ କରାଯାଇପାରେ । ଏହାଦ୍ୱାରା ଆବର୍ଜନା ପୁନଃଚକ୍ରୀକରଣ ହୋଇ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏକକ ଆୟତନ ବିଶିଷ୍ଟ ଜମିରୁ ଅଧିକ ଅମଳ ମିଳିପାରିଥାଏ ।

**ଧାନ କ୍ଷେତରେ ମାଛ ଚାଷ**

ଭାରତ ବର୍ଷରେ ପ୍ରାୟ ୩.୧ ନିୟୁତ ହେକ୍ଟର ପରିମିତ ଉପକୂଳବର୍ତ୍ତୀ ଲୁଣି ଜମି ଅଛି ବୋଲି ଅଟକଳ କରାଯାଇଛି, ଯାହାକି ଉପକୂଳଠାରୁ ପ୍ରାୟ ୫୦ କିଲୋମିଟର ସ୍ଥଳଭାଗ ଭିତରକୁ ବିସ୍ତାର ଲାଭ କରିଅଛି । ଲୁଣି ଜୁଆର ପାଣି ସ୍ଥଳ ଭାଗରେ ଜମି ରହିବା ଏବଂ ତତ୍ ସହିତ ନଦୀ ମୁହାଣ, କେନାଲ ଓ ନଦୀ ଭିତରକୁ ସର୍ବଦା ସମୁଦ୍ର ଜଳର ପ୍ରବେଶ, ଉପରୋକ୍ତ ମାଟିର ଲବଣତାର ମୁଖ୍ୟ କାରଣ । ମାଟି ତଳର ଜଳସ୍ତର ସାଧାରଣତଃ କମ୍ ଗଭୀରରେ ଥାଏ ଓ ତାହା ବହୁ ପରିମାଣର ଦ୍ରବୀଭୂତ ଲବଣ ଧାରଣ କରିଥାଏ । ଏହି ଭୂମଧ୍ୟସ୍ଥ ଲବଣ ମାଟି ଦ୍ୱାରା ଶୋଷି ହୋଇ ମାଟିର ଉପରି ଭାଗରେ ଆସି ଜମା ହୋଇଥାଏ । ତେଣୁ ବର୍ଷର ଶୁଖୁଲା ଦିନମାନଙ୍କରେ ଏହି ମାଟି ବହୁତ ଲବଣାକ୍ତ ଥାଏ । ପ୍ରାୟ ସମୁଦାୟ ଉପକୂଳବର୍ତ୍ତୀ ଜମିଗୁଡ଼ିକ ବର୍ଷା ଉପରେ ନିର୍ଭର କରିଥାଏ ଓ ଏହି ଜମିରେ ବର୍ଷରେ କେବଳ ଗୋଟିଏ ଚାଷ କରାଯାଇଥାଏ । ମୁଖ୍ୟତଃ ବର୍ଷା ଦିନରେ ଏହି ମାଟିରେ ଲବଣ ଅଂଶ କମ୍ ଥାଏ ଓ ଖରିଫ୍ ଧାନ ଚାଷ କରାଯାଇଥାଏ । ବର୍ଷର ଅବଶିଷ୍ଟ ସମୟରେ ଅଧିକ ଲବଣ ଏବଂ ଜଳସେଚନର ଅଭାବ ଯୋଗୁଁ ଏହି ଜମିଗୁଡ଼ିକ ସାଧାରଣତଃ ଖାଲି ପଡ଼ିଥାଏ।

ପୁନଶ୍ଚ ଏହି ଧାନଜମି ଗୁଡ଼ିକରେ ଧାନଚାଷ ସଂପୂର୍ଣ୍ଣ ବର୍ଷାଜଳ ଉପରେ ନିର୍ଭର କରିଥାଏ ଓ ପ୍ରତି ବର୍ଷ ଆଶା ଜନକ ଅମଳ ହୋଇପାରେ ନାହିଁ । ଏକକାଳୀନ ଧାନ ଓ ମାଛଚାଷ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି, ଖରିଫ୍ ଧାନଚାଷରେ କ୍ଷତି ନଘଟାଇ ବର୍ଷରେ ଖାଲି ପଡୁଥିବା ସମୟରେ ଉପରୋକ୍ତ ମାଛଚାଷ କରିବା ।

ପଶ୍ଚିମବଙ୍ଗରେ ନଦୀମୁହାଣର ଉପରି ଭାଗ ଓ ମଧ୍ୟଭାଗରେ ଯେଉଁଠାରେ ଜଳର ଲୁଣି ଅଂଶ କମ୍ ବା ମଧୁର ଜଳର ପ୍ରବେଶ ହେତୁ ଲୁଣି ଭାଗ କମ୍ ଥାଏ, ସେହି ଅଞ୍ଚଳ ଧାନ ଜମିମାନଙ୍କରେ ମାଛଚାଷ କରିବା ପଦ୍ଧତି ପ୍ରଚଳିତ । କେରଳର ପୋକାଲି ଚାଷ ଜମିରେ ଖରାଦିନେ ଖାଲି ପଡୁଥିବା ଜମିଗୁଡ଼ିକ କୃଷକମାନଙ୍କ ଦ୍ୱାରା ମାଛ ଚାଷ ଦ୍ୱାରା ବିନିଯୋଗ କରାଯାଇଥାଏ । ଏହି ପ୍ରକାର ଚାଷରେ ବାର୍ଷିକ ପ୍ରାୟ ୩୦୦ ରୁ ୧୦୦୦ କି.ଗ୍ରା. ମାଛ ପ୍ରତି ହେକ୍ଟରରୁ ଆମଦାନୀ କରାଯାଇଥାଏ ।

**ମାଛଚାଷ ସହ ଗାଈ ପାଳନ:**

ଏହି ପ୍ରଣାଳୀ ନିମିତ୍ତ ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀ ପାଇଁ ୩ ଗୋଟି ସଙ୍କର ଜାତୀୟ ଦୁଆଳୀ ଗାଈ ସହ ସେମାନଙ୍କର ବାଛୁରୀ ଗୁଡ଼ିକୁ ହୁଡ଼ା ଉପରେ ଗୁହାଳ କରି ପାଳନ କରାଯାଇଥାଏ । ଗାଈମାନଙ୍କର ମଳମୂତ୍ର ଓ ଗୁହାଳ ଧୁଆ ପାଣି ନାଳି ସାହାଯ୍ୟରେ ପୋଖରୀ ଜଳକୁ ନିଷ୍କାସିତ କରାଯାଏ ଏବଂ ପୋଖରୀର ପଙ୍କ, ହୁଡ଼ା ଉପରେ ପକାଇ ହାତୀଆ, ବସିମ୍, ନାପିଅର, ଷ୍ଟାଇଲୋ ପ୍ରଭୃତି ଘାସ ଚାଷ କରାଯାଏ ଏବଂ ଏହି ଘାସକୁ ପ୍ରତିଦିନ ଗାଈ ପିଛା ୨୫ କି.ଗ୍ରା. ହିସାବରେ କାଟି ଖାଇବାକୁ ଦିଆଯାଇଥାଏ । ଏପରି ମାଛ ଚାଷ କରିବା ଦ୍ୱାରା ବର୍ଷକୁ ଏକର ପିଛା ୩,୦୦୦ ଲିଟର କ୍ଷୀର ଉତ୍ପାଦନ ହୋଇପାରିବା ସଙ୍ଗେ ସଙ୍ଗେ ୧୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ ।

**ମାଛ ଚାଷ ସହ ଛେଳି ପାଳନ:**

ଛେଳି ଲଣ୍ଡିରେ ଗୋବରଠାରୁ ଅଧିକ ପରିମାଣର ଯବକ୍ଷାରଜାନ ଓ ପଟାସ ଗୁଣସାର ରହିଥାଏ । ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀରେ ମାଛଚାଷ ପାଇଁ ହୁଡ଼ା ଉପରେ ୧୫-୧୬ ଗୋଟି ଛେଳି ପାଳନ କରାଯାଇଥାଏ । ପ୍ରତ୍ୟେକ ଦିନ ଏମାନଙ୍କର ମୁତ୍ରସହ ଲଣ୍ଡି ଗୁଡ଼ିକୁ ଗୁହାଳ ଧୁଆ ପାଣି ସହ ନାଳି ସାହାଯ୍ୟରେ ପୋଖରୀରେ ପକାଯାଇଥାଏ । ଛେଳିମାନଙ୍କୁ ପ୍ରତ୍ୟେକ ଦିନ ହୁଡ଼ାରେ ହେଉଥିବା ଘାସ, ଶାଗ ପତ୍ର, କୋବି ପତ୍ରକୁ କାଟି ଖାଇବାକୁ ଦିଆଯାଇଥାଏ । ଏହା ଛଡ଼ା କୃତ୍ରିମ ଶୁଖୁଲା ସୁଷମ ଖାଦ୍ୟ ମଧ ଛେଳିଙ୍କୁ ଖାଇବାକୁ ଦିଆଯାଏ । ଏହାଦ୍ୱାରା ଛେଳି ଦୁଗ୍ଧ ସହ ମାଂସ ଉତ୍ପାଦିତ ହୋଇପାରିବା ସଙ୍ଗେ ସଙ୍ଗେ ପୋଖରୀରେ ବିନା କୃତ୍ରିମ ମାଛଖାଦ୍ୟ ଓ ରାସାୟନିକ ସାର ପକାଯାଇ ଏକର ପିଛା ୧୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ କରିହେବ ।

**ମାଛଚାଷ ସହ ବତକ ପାଳନ:**

ବତକ ଗୁଡ଼ିକ ପୋଖରୀରୁ ସେମାନଙ୍କ ଆବଶ୍ୟକ ହେଉଥିବା ନୈକ ଖାଦ୍ୟ ପରିମାଣର ତିନି ଚୁତର୍ଥାଂଶ ସଂଗ୍ରହ କରି ଖାଇ ବଢ଼ିଥାନ୍ତି । ଏଣୁ ମାଛଚାଷ ସହ ବତକ ପାଳନ କଲେ ଉଭୟ ପରସ୍ପରଠାରୁ ଉପକାର ପାଇ କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଇଥାନ୍ତି । ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ୧୦୦ ଗୋଟି ଦୁଇମାସିଆ ବତକ ଛୁଆ କିଣି ହୁଡ଼ା ଉପରେ ଝାଟିମାଟି ଘରେ କିମ୍ବା ପାଣି ଭିତରେ ଭାସମାନ ମଞ୍ଚା ଘରେ ରଖି ପାଳନ କରାଯାଇଥାଏ । ବତକ ସହ ମାଛଚାଷ କରାଯାଉଥିବା ପୋଖରୀରେ ଏକର ପିଛା ୮ ସେ.ମି.ରୁ ଉର୍ଦ୍ଧ ଆକାରର ୩୦୦୦ ସଂଖ୍ୟାର ବିଶୁଦ୍ଧ, ନୀରୋଗ, ଜାତିଆ ମିଶ୍ରିତ ମାଛ ଯାଆଁଳ ଛାଡ଼ିବାକୁ ପଡ଼ିଥାଏ । ଇଞ୍ଚିକିଆ ଯାଆଁଳ



ଛାଡ଼ିଲେ ଏହାକୁ ବତକ ଖାଇଯିବାର ସମ୍ଭାବନା ଅଧିକ ଥାଏ । ମାଛଚାଷ ପୋଖରୀ ନିକଟରେ ଯଦି ନର୍ସରୀ ବା ଇୟରଲିଙ୍ଗ ପୋଖରୀ ଥାଏ, ତା ହେଲେ ତା ଉପରେ ଛିଣ୍ଡାଜାଲ ଆଚ୍ଛାଦିତ କରି ରଖିବା ଉଚିତ୍ । ବତକ ଗୁଡ଼ିକ ପୋଖରୀରେ ପହଁରୁଥିବା ଅବସ୍ଥାରେ ମଳତ୍ୟାଗ କରନ୍ତି । ଏହାଛଡ଼ା ଏମାନେ ପୋଖରୀରେ ପହଁରିବା ଦ୍ୱାରା ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବଢ଼ିଥାଏ । ଏମାନେ ଖାଦ୍ୟ ସଂଗ୍ରହ ସମୟରେ ପୋଖରୀରେ ବୁଡ଼ି ପଙ୍କକୁ ଥଣ୍ଟଦ୍ୱାରା ଘାଣ୍ଟିବା ଦ୍ୱାରା ପଙ୍କରେ ଆବଦ୍ଧ ଅବସ୍ଥାରେ ଥ୍ୟ ମୌଳିକ ଗୁଣସାର ଗୁଡ଼ିକ ଜଳସ୍ତରକୁ ଅପସାରିତ ହୋଇଥାଏ । ଏମାନେ ପୋଖରୀରୁ ଛୋଟ ଛୋଟ ଉଦ୍ଭିଦ, ପୋକଜୋକ, ଗେଣ୍ଡା ପ୍ରଭୃତି ଖାଇ ପୋଖରୀ ଜଳ ପରିବେଶ ପରିଷ୍କାର ରଖୁଥାଆନ୍ତି । ଏମାନଙ୍କ ମଳରେ ଥିବା ଅଧା ହଜମ ଖାଦ୍ୟକୁ ମାଛମାନେ ସିଧାସଳଖ ଖାଇଥାଆନ୍ତି । ଏହିଭଳି ସମନ୍ୱିତ ଚାଷରୁ ବର୍ଷକୁ ଏକର ପିଛା ୧୬ କ୍ୱିଣ୍ଟାଲ ମାଛ, ୬୦୦୦ ଅଣ୍ଡା ଏବଂ ୨ କ୍ୱିଣ୍ଟାଲ ବତକ ମାଂସ ମିଳିଥାଏ । ଏଥିପାଇଁ ଚୂନ ବ୍ୟତୀତ ଅନ୍ୟ କୌଣସି ପୂରକ ଆହାର ବା ରାସାୟନିକ ସାର ପୋଖରୀରେ ପକାଇବାକୁ ପଡ଼ି ନଥାଏ ।

**ମାଛଚାଷ ସହ କୁକୁଡ଼ା ପାଳନ:**

ପୋଖରୀ ହୁଡ଼ାରେ ତାର ଜାଲି ଦିଆ କାନ୍ଥ ସହ ଚାଳଛପର ଘରଟିଏ କରି ମାଂସଳ (ବ୍ରଏଲର) କିମ୍ବା ଅଣ୍ଡାଦିଆ (ଲେୟାର) କୁକୁଡ଼ା ପାଳନ କରାଯାଇପାରେ । ଏହି ଘର ଚଟାଣ ଉପରେ ୬ ଇଞ୍ଚ ବହଳର ଚଷୁ ବିଛାଇ ଦିଆଯାଏ । ଏହାପରେ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୨ ମାସ ବୟସର ପ୍ରତିଷେଧକ ଟୀକାପ୍ରାପ୍ତ ଚିଆଁ ୨୦୦ ଗୋଟି ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ପାଳନ କରାଯାଇଥାଏ । ଏମାନେ ୫ ମାସ ବେଳକୁ ଅଣ୍ଡାଦେବା ଆରମ୍ଭ କରିଥାନ୍ତି ଏବଂ ଦେଢ଼ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ଅଣ୍ଡଦିଆ କ୍ଷମତା ଠିକ୍ ରୁହେ । ଏହାପରେ ଏମାନଙ୍କୁ ବିକ୍ରୟ କରିଦେବା ଉଚିତ୍ । ଯଦି ମାଂସଳ କୁକୁଡ଼ା ପାଳନ କରାଯାଏ, ତା ହେଲେ ଗୋଟିଏ ଥରରେ ଦିନିକିଆ ଚିଆଁ ୨୦୦ ଗୋଟି କିଣାଯାଇ ୪୫-୪୬ ଦିନ ପରେ ମାଂସ ପାଇଁ ବିକ୍ରୟ କରିଦିଆଯାଏ । ଏହିଭଳି ବର୍ଷକ ମଧ୍ୟରେ ୫ ଥର ମାଂସଳ କୁକୁଡ଼ା ପାଳନ କରି ବିକ୍ରୟ କରାଯାଇପାରେ । ଏହି କୁକୁଡ଼ା ଗୁଡ଼ିକ ପାଇଁ ବଜାରରେ ବିଭିନ୍ନ କମ୍ପାନୀ ଗୁଡ଼ିକର କ୍ରମ୍ବଲ୍ ବା ଦାନାଦାର ଏବଂ ପେଲେଟ୍ ଖାଦ୍ୟ ମିଳୁଛି । ତାକୁ କିଛି ଅନୁମୋଦିତ ହାରରେ କୁକୁଡ଼ାଙ୍କୁ ଖାଇବାକୁ ଦିଆଯାଏ । ଏହାଛଡ଼ା ମାଂସଳ କୁକୁଡ଼ା ପାଇଁ ରାଣୀକ୍ଷେତ୍ର, କକ୍ସିଡ଼ିଓସିସ୍ ପ୍ରଭୃତି ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଠିକ୍ ସମୟରେ ନିଆଯିବା ଉଚିତ୍ । କୁକୁଡ଼ା ଘରେ ବିଛା ଯାଇଥିବା ଚମ୍ପୁ ଦୁଇମାସ ପରେ ଖତରେ ପରିଣତ ହୋଇଥାଏ । ସେଗୁଡ଼ିକ ସିଧାସଳଖ ପୋଖରୀରେ ପକାଯାଇଥାଏ । ପୋଖରୀ ଜଳରେ ନେଳି ସୃଷ୍ଟି ହେଲେ ଏହି ଖତ ପକାଇବା ସ୍ଥଗିତ ରଖି ଏକର ପିଛା ୮୦ କି.ଗ୍ରା. କାର୍ବୋନେଟ୍ ଚୂନ ରାତିସାରା ବତୁରାଯାଇ ସକାଳେ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହି ସମନ୍ୱିତ ଚାଷ ଦ୍ୱାରା ଚୂନ ବ୍ୟତୀତ ଆଉ କୌଣସି କୃତ୍ରିମ ମାଛ ଖାଦ୍ୟ ବା ରାସାୟନିକ ସାର ନ ପକାଯାଇ ବାର୍ଷିକ ଏକର ପିଛା ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ । ଏତଦ୍ ?ବ୍ୟତୀତ ଅଣ୍ଡାଦିଆ କୁକୁଡ଼ା ପାଳନ କରାଯାଉଥିଲେ ଏକର ପିଛା ବର୍ଷକୁ ଅତିରିକ୍ତ ୨୮୦୦୦ ଅଣ୍ଡା ଓ ୫୦୦ କି.ଗ୍ରା. କୁକୁଡ଼ା ମାଂସ ଏବଂ ମାଂସଳ କୁକୁଡ଼ା ପାଳନ କରାଯାଉଥିଲେ

୧୫୦୦ କି.ଗ୍ରା. ପର୍ଯ୍ୟନ୍ତ କୁକୁଡ଼ା ମାଂସ ଆମଦାନୀ ମିଳିଥାଏ । ବର୍ତ୍ତମାନ ଅନେକ ଚାଷୀଭାଇ ପୋଖରୀ ହୁଡ଼ା ଉପରେ ଝାଟିମାଟି ଘରଟିଏ କରି ବିଭିନ୍ନ ରଙ୍ଗିନ୍ ପ୍ରଜାତିର କୁକୁଡ଼ା ଯଥା – ବନରାଜା, ଗ୍ରାମପ୍ରିୟ, କୃଷ୍ଣପ୍ରିୟ, ଗିରିରାଜ, ବ୍ଲକର, କୋଡନାଥ, ପ୍ରଭୃତିଙ୍କୁ ଉଭୟ ମାଂସ ଓ ଅଣ୍ଡା ପାଇଁ ପାଳନ କରୁଅଛନ୍ତି ।

**ଅନିଲ କୁମାର ମିଶ୍ର**
ଭୁବନେଶ୍ୱର, ଓଡ଼ିଶା




# ପିଏମ୍ ଶ୍ରୀ ସ୍କୁଲ ଜାତୀୟ ଶିକ୍ଷା ନୀତିର ପ୍ରୟୋଗଶାଳା ହେବ




ଭୁବନେଶ୍ୱର (ପିଏନ୍)- ଦେଶର ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ପିଏମ ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବ। ଏହି ଉଚ୍ଚମାନର ସ୍କୁଲ ଜାତୀୟ ଶିକ୍ଷା ନୀତି - ୨୦୨୦ (ଏନଇପି)ର ପ୍ରୟୋଗଶାଳା ହେବ ବୋଲି ଗୁରୁବାର ଗୁଜୁରାଟର ଗାନ୍ଧୀନଗରରେ ଆୟୋଜିତ ଦୁଇଦିନିଆ ରାଜ୍ୟ ଶିକ୍ଷାମନ୍ତ୍ରୀମାନଙ୍କର ଜାତୀୟ ଶିକ୍ଷା ସମ୍ମିଳନୀରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଦ୍ୟାଳୟ ଶିକ୍ଷା ହେଉଛି ଜ୍ଞାନ ଆଧାରିତ ସମାଜ ପ୍ରତିଷ୍ଠାର ମୂଳଦୁଆ ଏବଂ ଜାତୀୟ ଶିକ୍ଷା ନୀତି ହେଉଛି ଜ୍ଞାନର ଦସ୍ତାବିଜ୍। ଯେଉଁ ଦସ୍ତାବିଜ୍ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସହ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଲକ୍ଷ୍ୟ ରଖିଛି। ଆମେ ଅମୃତ କାଳ ସମୟରେ ଉପନୀତ ହୋଇଛେ। ବିଶ୍ୱର କଲ୍ୟାଣ ପାଇଁ ପ୍ରତିବଦ୍ଧ ଥିବା ଭାରତକୁ ଜ୍ଞାନର ଅର୍ଥନୀତି ଭାବରେ ପ୍ରତିଷ୍ଠିତ କରିବା ପାଇଁ ଆମ ପାଇଁ ଆଗାମୀ ୨୫ ବର୍ଷ ମହତ୍ୱପୂର୍ଣ୍ଣ। ଆମେ ବସୁଧୈବ କୁଟୁମ୍ବକମରେ ବିଶ୍ୱାସ ରଖୁଥିବା ସଭ୍ୟତା। ଆମର ଦାୟିତ୍ୱ କେବଳ ଦେଶ ପାଇଁ ନୁହେଁ ବରଂ ବିଶ୍ୱ ପାଇଁ; ଏହି କଥାକୁ ଆମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏକବିଂଶ ଶତାବ୍ଦୀରେ ସୁଯୋଗ ଓ ଆହ୍ୱାନ ପାଇଁ ଆମେ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ଶିକ୍ଷା ଓ ଦକ୍ଷତା ପରିସଂସ୍ଥାନକୁ ସୁଦୃଢ଼ କରିବା ପାଇଁ ଟେକ୍ନୋଲୋଜିର ଲାଭ ନେବା ଉଚିତ। ରାଷ୍ଟ୍ରୀୟ ଶିକ୍ଷା ନୀତିରେ ୫+୩+୩+୪ ଢାଂଚାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସହିତ ମାଧ୍ୟମିକ ସ୍କୁଲ ଶିକ୍ଷା, ନିରାପଦ ଓ ଉଚ୍ଚମାନର ଶୈଶବ ଯତ୍ନ ଓ ଶିକ୍ଷା ଉପରେ ଗୁରୁତ୍ୱ, ଶିକ୍ଷକ ପ୍ରଶିକ୍ଷଣ ଏବଂ ପ୍ରୌଢ଼ ଶିକ୍ଷା, ଦକ୍ଷତା ବିକାଶ ସହ ସ୍କୁଲ ଶିକ୍ଷାର ଏକୀକରଣ, ମାତୃଭାଷାକୁ ଗୁରୁତ୍ୱ ଦେବା ଭଳି ବିଭିନ୍ନ ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ ବୈଶ୍ୱିକ ନାଗରିକ ଭାବେ ପ୍ରସ୍ତୁତ କରିବା ପାଇଁ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ବେଷ୍ଟ ପ୍ରାକ୍ଟିସସେସ ଭାରତର ଯୁବବର୍ଗଙ୍କୁ ବିଶ୍ୱ ମାନବରେ ପରିଣତ କରିବାରେ ସହଯୋଗୀ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଆସନ୍ତା ଜୁଲାଇ ୨୯ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନର ଦୁଇବର୍ଷ ପୂର୍ତ୍ତି ହେବାକୁ ଯାଉଛି। ବିଗତ ୨ ବର୍ଷରେ ଜାତୀୟ ଶିକ୍ଷା ନୀତି ଆଧାରରେ ହୋଇଥିବା କାମର କ୍ରିୟାନ୍ୱୟନ, ବେଷ୍ଟ ପ୍ରାକ୍ଟିସ, ଶିକ୍ଷାକ୍ଷେତ୍ରରେ ଦେଶର ପ୍ରାଥମିକତା ଉପରେ ଚର୍ଚ୍ଚା ଆଲୋଚନା କରିବା ପାଇଁ ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ ଓ ଅଧିକାରୀମାନେ ଜାତୀୟ ଶିକ୍ଷା ସମ୍ମିଳନୀରେ ଏକାଠି ହୋଇଛନ୍ତି। ଏହି ସମ୍ମିଳନୀରେ ଜାତୀୟ ଶିକ୍ଷାନୀତିର ପରାମର୍ଶ ଯଥା: ଆଂଚଳିକ ଭାଷାକୁ ଗୁରୁତ୍ୱ, ଶିକ୍ଷାରେ ଟେକ୍ନୋଲୋଜିକୁ ବ୍ୟବହାର କରିବା ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଛି। ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ ଓ ଅଧିକାରୀମାନେ ବିଦ୍ୟା ସମୀକ୍ଷା କେନ୍ଦ୍ର, ଭାସ୍କରାଚାର୍ଯ୍ୟ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ସ୍ପେସ୍ ଆପ୍ଲିକେସନ୍ ଏବଂ ଜିଓ-ଇନଫର୍ମେଟିକ୍ସ, ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭରସିଟି ଏବଂ ଦକ୍ଷତା ବିକାଶ ଆଧାରିତ ଅନୁଷ୍ଠାନକୁ ବୁଲି ଦେଖିଛନ୍ତି। ଟେକ୍ନୋଲୋଜି ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଏକବିଂଶ ଶତାବ୍ଦୀରେ ଜ୍ଞାନର ପରିଭାଷା, ଦକ୍ଷତା ବିକାଶ ସେଂଟରର ଆଧୁନିକ କ୍ଷେତ୍ରକୁ ଶିକ୍ଷାମନ୍ତ୍ରୀମାନେ ଅନୁଭବ କରିଛନ୍ତି। ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରୀ ରହିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶିକ୍ଷାକୁ ଲୋକାଭିମୁଖୀ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଶିକ୍ଷାମନ୍ତ୍ରୀଙ୍କୁ ନେଇ ଆୟୋଜିତ ଜାତୀୟ ଶିକ୍ଷା ସମ୍ମିଳନୀ ଜାତୀୟ ଶିକ୍ଷା ପରିସଂସ୍ଥାନକୁ ମଜବୁତ କରିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଦକ୍ଷତା ବିକାଶ ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଶିକ୍ଷାମନ୍ତ୍ରୀ ଏବଂ ଶିକ୍ଷା ବିଭାଗ ସହ ସଂଶ୍ଲିଷ୍ଟ ପ୍ରତିନିଧି ଓ ନୂତନ ଶିକ୍ଷାନୀତିର ଚିଠା ପ୍ରସ୍ତାବ ପ୍ରସ୍ତୁତକାରୀ ପଦ୍ମବିଭୂଷଣ ଡା. କେ. କସ୍ତୁରିରଙ୍ଗନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମାର୍ଟସିଟି ଭୁବନେଶ୍ୱରରେ ବିଶ୍ୱ ବାଇସାଇକେଲ ଦିବସରେ ବିଶାଳ ସାଇକେଲ ଶୋଭାଯାତ୍ରା

ଭୁବନେଶ୍ୱର (ପିଏନ୍): ଜୁନ୍ ମାସ ୩ ତାରିଖ ହେଉଛି ବିଶ୍ୱ ସାଇକେଲ ଦିବସ। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବିଶ୍ୱ ସାଇକେଲ ଦିବସ-୨୦୨୨ ପାଳନ କରିଛି। ସୂଚନାଯୋଗ୍ୟ, ପ୍ରେସ୍ ସୂଚନା ବ୍ୟୁରୋ, ଭୁବନେଶ୍ୱର, ଆଞ୍ଚଳିକ ଆଉଟରିଚ୍ ବ୍ୟୁରୋ, ଭୁବନେଶ୍ୱର ଏବଂ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ମିଳିତ ସହଯୋଗରେ ଚନ୍ଦ୍ରଶେଖରପୁରସ୍ଥିତ ପ୍ରେସ୍ ଇନ୍‌ଫରମେସନ୍ ବ୍ୟୁରୋ କ୍ୟାମ୍ପସରୁ ଜୁନ୍ ୩ ତାରିଖ ସକାଳ ୬.୩୦ ମିନିଟ୍ ସମୟରେ ଏକ ସାଇକେଲ୍ ଶୋଭାଯାତ୍ରା ବାହାରିଥିଲା। ଏଥିରେ ପାଖାପାଖି ୭୫ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁ ଅମଲାତନ୍ତ୍ର, ବରିଷ୍ଠ ଅଧିକାରୀ ଏବଂ ବିଶିଷ୍ଟ କ୍ରୀଡ଼ାବିତ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେହେରୁ ଯୁବକେନ୍ଦ୍ର ସଂଗଠନର ସହ-ନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ଜନପ୍ରତିନିଧିଙ୍କ ଜନସେବା



ଖୋର୍ଦ୍ଧା (ପିଏନ୍): ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପଞ୍ଚାୟତର ନୟାପଲ୍ଲୀ ଗ୍ରାମରେ ମା' ଭୂଆଷୁଣି ନାଳ ପୋତି ହୋଇଯାଇଥିଲା। ଏହାର ପୁନଃଉଦ୍ଧାର କାର୍ଯ୍ୟ ନୂଆ ପ୍ରକଳ୍ପ ମାଧ୍ୟମରେ ଆରମ୍ଭ କରିଥିଲେ ଗ୍ରାମର ୱାର୍ଡ଼ମେମ୍ବର ଚିତ୍ତରଞ୍ଜନ ଖୁଣ୍ଟିଆ। ମୁଖ୍ୟ ଅତିଥି ଭାବେ ନୂଆ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ ସରପଞ୍ଚ ପ୍ରଦୀପ କୁମାର ବାରିକ। ଉକ୍ତ କାର୍ଯ୍ୟଦ୍ୱାରା ଗ୍ରାମର ବହୁ ଚାଷୀ ଉପକୃତ ହେବା ସହିତ ଗ୍ରାମର କିଛି ଶ୍ରମିକ ରୋଜଗାର ପାଇଥିବାରୁ ଜନପ୍ରତିନିଧିଙ୍କର ଉକ୍ତ ସେବାକାର୍ଯ୍ୟ ସମସ୍ତଙ୍କର ପ୍ରଶଂସାଭାଜନ ହୋଇ ପାରିଛି ବୋଲି ସମାଜସେବୀ ନାରାୟଣ ଖୁଣ୍ଟିଆ ଏକ ପ୍ରେସ୍‌ବାର୍ତ୍ତା ମାଧ୍ୟମରେ ମତବ୍ୟକ୍ତ କରିଛନ୍ତି।

# ଦୟା ଓ କରୁଣାର ସାଗର ମହାମାନବ ପୈଗମ୍ବର ମୁହମ୍ମଦ



ପୈଗମ୍ବର ମୁହମ୍ମଦ ସଲ୍ଲମ ଥିଲେ ଇସଲାମ ଧର୍ମର ପ୍ରବର୍ତ୍ତକ। ସେ ମହାମାନବ ସମଗ୍ର ସଂସାରବାସୀଙ୍କ ପାଇଁ କରୁଣାର ପାତ୍ର ହୋଇ ଆସିଥିଲେ। ବିନା ଭେଦଭାବ ଏବଂ ବିନା ବୈରିରେ ସେ ମାନବ ଅଧିକାର ପାଇଁ ନିଜର ସମଗ୍ର ଜୀବନ ସଂଘର୍ଷ କରିଥିଲେ। ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସମାଜରେ ଏକ ବିପ୍ଳବ ସୃଷ୍ଟି କରିଥିଲେ। ଯାହାଫଳରେ ଏପରି ଏକ କ୍ରାନ୍ତିକାରୀ ଅଧ୍ୟାୟ ଜନ୍ମ ନେଲା, ଯାହାର ଇତିହାସରେ କୌଣସି ପଟାନ୍ତର ନାହିଁ । ସର୍ବପ୍ରଥମେ ପୈଗମ୍ବର ମୁହମ୍ମଦ ସଲ୍ଲମ ମାନବ ଅଧିକାରକୁ ଶ୍ରେଷ୍ଠ ମଣି ସେମାନଙ୍କୁ ସାମାଜିକ, ନୈତିକ, ଭୌତିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ସମ୍ମାନଜନକ ଅଧିକାର ଦେଇଥିଲେ।

ବିଶ୍ୱଗୁରୁ ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ ବିଶ୍ୱସମାଜରେ ଆରବବାସୀଙ୍କ ଚିତ୍ର ଓ ଚରିତ୍ର ଭଲ ନଥିଲା। ମଣିଷ ସହ ପଶୁ ସମାନ ବ୍ୟବହାର କରା ଯାଉଥିଲା। ମାତା ପିତା ତଥା କନ୍ୟା ସନ୍ତାନର ସମ୍ମାନ ଓ ସତ୍‌କାର ନଥିଲା। ଏପରି କି କନ୍ୟା ସନ୍ତାନ ଜନ୍ମ ହେଲା ମାତ୍ରେ ଘରେ ଓ ପରିବେଶରେ ଅଶୁଭ ମନେକରୁଥିଲେ ଏବଂ କନ୍ୟା ସନ୍ତାନକୁ



ଜୀବିତ ସମାଧି ଦିଆଯାଉଥିଲା। ପିତାମାତାର ସେବା ଓ ସତ୍‌କାର କରିଲେ ହିଁ ସ୍ୱର୍ଗପ୍ରାପ୍ତି ହେବ ବୋଲି ହଜରତ ମୁହମ୍ମଦ କହି ସର୍ବପ୍ରଥମେ ମାତାପିତାଙ୍କୁ ତାଙ୍କର ଉଚିତ୍ ସମ୍ମାନ ଦେଇଥିଲେ। ଏପରି ବି କହିଦେଲେ ଯେ ମାଆଙ୍କ ଚରଣରେ ସ୍ୱର୍ଗ ମିଳିଥାଏ। ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ପିତାମାତା ପରି ଅମୂଲ୍ୟ ସମ୍ପଦ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍‌କାର କରି ସ୍ୱର୍ଗଗାମୀ ହୋଇପାରି ନ ଥାଏ। ପୁଣି ସେ କହିଲେ; ଈଶ୍ୱରଙ୍କୁ ସବୁଠାରୁ ଭଲ ଲାଗୁଥିବା ଉତମ କାର୍ଯ୍ୟ ମଧ୍ୟରୁ ମାତାପିତାଙ୍କ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ଅନ୍ୟତମ। କନ୍ୟା ସନ୍ତାନକୁ ସୁରକ୍ଷା ଦେବା ପାଇଁ କହିଲେ, ଯଦି କାହା ଘରେ ଗୋଟିଏ ବା ତା'ଠାରୁ ଅଧିକ କନ୍ୟା ସନ୍ତାନ ଜନ୍ମ ହୋଇଥାନ୍ତି ଏବଂ ମାତା ପିତାମାନେ ତାଙ୍କର ଉଚିତ୍ ରକ୍ଷଣା ବ୍ୟକ୍ଷଣ କରିବା ସହ ସେମାନଙ୍କୁ ଉଚିତ୍ ଶିକ୍ଷା ଦେଇ କୃତକାର୍ଯ୍ୟ କରାଇଥାନ୍ତି, ତେବେ ସେହି ମାତା ପିତା ବୈକୁଣ୍ଠର ଅଧିକାରୀ ହୋଇଥାନ୍ତି। କନ୍ୟା ସନ୍ତାନ ହେଉ ବା ପୁତ୍ର ସନ୍ତାନ ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ପାଇଁ ଦରକାର ପଡ଼ିଲେ ଚୀନ ପରି ସୁଦୂର ଦେଶକୁ ପଠାଇବାକୁ ଅନୁମତି ଦେଇଥିଲେ। ପ୍ରତ୍ୟେକ ମଣିଷ ସେ ନର ହେଉ ବା ନାରୀ ଶିକ୍ଷା ଅର୍ଜନ କରିବା ଜରୁରୀ ବୋଲି ଘୋଷଣା କରିଥିଲେ। ପାଠ ପଢିବା ଦ୍ୱାରା ମଣିଷ ଭଲ ମନ୍ଦ ଏବଂ ଉଚିତ୍ ଓ ଅନୁଚିତ୍ ବିଷୟରେ ବୁଝି ପାରିଥାଏ। ଯଦ୍ୱାରା ସେ ସତ୍‌ପଥ ଓ ଅସତ୍‌ପଥ ବିଷୟରେ ଜାଣିପାରିଥାଏ। ଯାହାଦ୍ୱାରା ସମାଜରେ ଉନ୍ନତି ଓ ଏକ ସଭ୍ୟ ସମାଜ ଗଢି ଉଠିଥାଏ। ଜଣେ ସ୍ତ୍ରୀ ପ୍ରତି ଉଦାରତା ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାକୁ ସେ ଆଦେଶ ଦେଇଥିଲେ। ସ୍ୱାମୀ ମରଣାନ୍ତେ ସ୍ତ୍ରୀ ପ୍ରତି ସମାଜରେ ଅନ୍ୟାୟ ଓ ଅତ୍ୟାଚାର ବଢିଥାଏ, କିନ୍ତୁ ମହାମାନବ ହଜରତ ମୁହମ୍ମଦ ସଲ୍ଲମ ସ୍ତ୍ରୀକୁ ସ୍ୱାମୀର ସମ୍ପତିର ଅଂଶୀଦାର ହେବାର ଘୋଷଣା କରି ସ୍ତ୍ରୀ ଜାତି ପ୍ରତି ଉଚିତ ନ୍ୟାୟ କରିଥିଲେ। ଏପରି କି ବିଧବା ସ୍ତ୍ରୀମାନଙ୍କୁ ଅନୁମତି ପ୍ରଦାନ କରିଥିଲେ ଯେ ସେମାନେ ଅନ୍ୟ କାହା ସହ ପୁନର୍ବିବାହ କରି ନିଜ ସୁଖ ବୈବାହିକ ଜୀବନଯାପନ କରିପାରିବେ। ସେ ଜଗତବାସୀଙ୍କ ପାଇଁ ଏପରି ଆଦର୍ଶ ଛାଡ଼ିଯାଇଛନ୍ତି କି ସ୍ତ୍ରୀର ପ୍ରତ୍ୟେକ ଅଧିକାରକୁ ପୂରଣ କରିବା ପୁରୁଷ ପ୍ରତି ଏକ ସଂପୂର୍ଣ୍ଣ ଦାୟିତ୍ୱ ବୋଲି କହି ମହିଳାଙ୍କ ପ୍ରତି ନ୍ୟାୟ ଓ ସମ୍ମାନ ବ୍ୟକ୍ତ କରିଛନ୍ତି। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆବିର୍ଭାବ ସମୟରେ କ୍ରୀତଦାସ ପ୍ରଥା ଖୁବ ପ୍ରଚଳିତ ଥିଲା। ଏପରି କି ମଣିଷ ସହ ପଶୁ ଭଳି ବ୍ୟବହାର କରାଯାଉଥିଲା। ଅସଭ୍ୟତାର କୌଣସି ସୀମା ନଥିଲା। ସେହି କରୁଣାର ସାଗର ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କ୍ରୀଦଦାସମାନଙ୍କୁ ମୁକ୍ତ କରାଇଥିଲେ। ସେମାନଙ୍କୁ ସମାଜରେ ଉଚିତ୍ ସମ୍ମାନ ଓ ଅଧିକାର ଦେଇଥିଲେ। ସେମାନଙ୍କୁ ଧର୍ମ ଓ କର୍ମ କ୍ଷେତ୍ରରେ ଆଗକୁ



ଆଣିଥିଲେ। ଏପରି କି ସେମାନଙ୍କୁ ପ୍ରଭୁଭକ୍ତ କରାଇଥିଲେ। ଯାହାଙ୍କ ଜୀବନାଦର୍ଶ ଏବେ ମଧ୍ୟ ଇସଲାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଏପରି କି ପ୍ରଭୁ ଅଲ୍ଲାଃ ସେମାନଙ୍କ ଉପରେ ଚିରକାଳ ପାଇଁ ପ୍ରସନ୍ନ ହୋଇଛନ୍ତି। ଇତିହାସ ସାକ୍ଷୀ ଦେଉଛି କି ସେହି ଜଙ୍ଗଲୀ, କ୍ରୀତଦାସ ଓ ଅସଭ୍ୟ ବୋଲାଉଥିବା ଅମଣିଷ ପର ସମୟରେ ରାଜା ମହାରାଜା ଏବଂ ଗଭର୍ନର ହୋଇପାରିଥିଲେ। ପଡ଼ୋଶୀ ସହ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା, ଶିଶୁ ସନ୍ତାନ ପ୍ରତି ବାତ୍ସଲ୍ୟ ମମତା ପ୍ରକଟ କରିବା, ଗୁରୁଜନ ପ୍ରତି ସମ୍ମାନ ବ୍ୟକ୍ତ କରିବା, ଅତିଥିମାନଙ୍କୁ ସତ୍କାର କରିବା, ପଥଚାରୀମାନଙ୍କୁ ପାଣି ପିଆଇବା, ବୃଦ୍ଧାଙ୍କ ସହ ସେବା ଓ ସାହାଯ୍ୟ କରିବା, ଗରିବ ଓ ଅସହାୟମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା, ପାପୀମାନଙ୍କୁ ପାପରୁ ମୁକ୍ତ କରାଇବା, ଅମଣିଷକୁ ମଣିଷ କରିବା, ଅସଭ୍ୟକୁ ସଭ୍ୟକରିବା ତଥା ବିଶ୍ୱରେ ପ୍ରେମ, ସ୍ନେହ, ସୌହାର୍ଦ୍ଦ୍ୟ, ସଦ୍‌ଭାବନା, ସହିଷ୍ଣୁତା, ଭ୍ରାତୃଭାବ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେହି ମହାମାନବ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଗତବାସୀଙ୍କ ପାଇଁ ଅବଦାନ ବିରଳ ଓ ଆଦର୍ଶନୀୟ ।

ଆଜି ବିଶ୍ୱ ସମାଜରେ ଅହମଦୀୟା ମୁସଲିମ ସଂଗଠନ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଆନୁଗତ୍ୟରେ ସେହି ମହାନ ଶାନ୍ତି ପ୍ରଦାୟକ ଶିକ୍ଷାକୁ ସମଗ୍ର ବିଶ୍ୱରେ ପ୍ରଚାର ଓ ପ୍ରସାର କରିଚାଲିଛି। ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା ପାଇଁ ନିରନ୍ତର ପ୍ରୟାସ କରିଚାଲିଛି। ଅହମଦୀୟା ମୁସଲିମ



ସଂଗଠନର ମୂଳମନ୍ତ୍ର-''ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ''ର ବାର୍ତ୍ତା ଆଜି ଘରେ ଘରେ, ଦେଶ ବିଦେଶରେ ଶାନ୍ତି ପ୍ରତି ଆହ୍ୱାନ ଦେଉଛି। ସମଗ୍ର ବିଶ୍ୱ ଆଜି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଜୀବନାଦର୍ଶ ଅନୁଯାୟୀ ଅନୁପ୍ରାଣିତ ହେବାରେ ଲାଗିଲାଣି। ପ୍ରତ୍ୟେକ ରାଷ୍ଟ୍ର ଇସଲାମର ଶାନ୍ତି ଓ ସହିଷ୍ଣୁତାର ଶିକ୍ଷାକୁ ଆପଣାଇବାକୁ ଉଦ୍ୟମ କଲାଣି। ପ୍ରତ୍ୟେକ ରାଷ୍ଟ୍ରର ନିୟମ କାନୁନରେ ଇସଲାମୀୟ ଶିକ୍ଷାକୁ ଉଚିତ୍ ସ୍ଥାନ ମିଳିଲାଣି। ଏପରି କି କେତେକ ରାଷ୍ଟ୍ରର ସମ୍ବିଧାନରେ ମଧ୍ୟ ଇସଲାମର ସୁନ୍ଦର ଓ ଶାନ୍ତିଦାୟକ ଶିକ୍ଷାକୁ ଲାଗୁ କରାଗଲାଣି।

ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସେହି ମହାମାନବ, ଜଗଦ୍‌ଗୁରୁ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ପବିତ୍ର ଆଦର୍ଶକୁ ମନେପକାଇ ସବୁ କ୍ଷେତ୍ରରେ ମାନବକୁ ତା'ର ଉଚିତ୍ ଅଧିକାର ଦେବା ପାଇଁ ଉଦ୍ୟମ ଜାରି ରଖିବା । ବିଶ୍ୱଶାନ୍ତି, ଏକତା ଓ ଅଖଣ୍ଡତା ତଥା ଭାଇଚାରା ପ୍ରତିଷ୍ଠା ଦିଗରେ ଏକମନ ଏକପ୍ରାଣ ହୋଇ ମିଳିତ ପ୍ରୟାସ କରିବା। ସର୍ବେ ଭବନ୍ତୁ ସୁଖିନଃ।

—ମୌଲାନା ଫଜଲ ହକ ଖାଁ
ୟୁନିଟ-୪, ଭୁବନେଶ୍ୱର, ମୋ: ୯୬୯୨୨୨୫୦୫୭

## ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଅବୈଧ ଖନନ ଓ ନିର୍ମାଣକାର୍ଯ୍ୟ ତୁରନ୍ତ ବନ୍ଦ ହେଉ

ଭୁବନେଶ୍ୱର (ପିଏନ୍): 'ମହାପ୍ରଭୁ ଶ୍ରୀଜଗନ୍ନାଥ' ହେଉଛନ୍ତି ଓଡ଼ିଆଙ୍କ ପରିଚୟ ଓ ପରମ ଆରାଧ୍ୟ। 'ଶ୍ରୀମନ୍ଦିର' ହେଉଛି ସମଗ୍ର ହିନ୍ଦୁ ସମାଜର ଆସ୍ଥା, ବିଶ୍ୱାସ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଧାମ 'ଶ୍ରୀକ୍ଷେତ୍ର' ପୁରୀ। ୧୦୦୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରାଚୀନ ଐତିହ୍ୟସମ୍ପନ୍ନ କୀର୍ତ୍ତି 'ଶ୍ରୀମନ୍ଦିର' ଆମ ଓଡ଼ିଆଙ୍କର ଗର୍ବ ଓ ଗୌରବ। ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ମାଧ୍ୟମରେ ବିଭିନ୍ନ ପ୍ରକାରର ଖନନ ଓ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହା ସମ୍ପୂର୍ଣ୍ଣ ରୂପେ ଅବୈଧ, ଅନୈତିକ ତଥା ଅପରିଣାମଦର୍ଶୀ। ଏକ ପ୍ରାଚୀନ ଐତିହ୍ୟସମ୍ପନ୍ନ କୀର୍ତ୍ତି ହୋଇଥିବା ହେତୁ, ଏହାର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ଓ ସଂରକ୍ଷଣ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ (ASI)ର କର୍ତ୍ତୃତ୍ୱାଧୀନ। ଶ୍ରୀମନ୍ଦିରରୁ ୧୦୦ ମିଟର ପର୍ଯ୍ୟନ୍ତ ନିଷିଦ୍ଧାଂଚଳ (Prohibited Area) ଏବଂ ୧୦୦ ମିଟରରୁ ୩୦୦ ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ଅଚଂଳ (Regulated Area) ଅଟେ। ଆଇନ୍ କହୁଛି, ନିଷିଦ୍ଧାଂଚଳରେ ସ୍ଥାୟୀ ବୃହତ ନିର୍ମାଣ ସମ୍ପୂର୍ଣ୍ଣ ନିଷିଦ୍ଧ ଏବଂ ନିୟନ୍ତ୍ରିତ ଅଚଂଳରେ ଯେକୌଣସି ନିର୍ମାଣ 'ASI'ର ପରାମର୍ଶ ଅନୁଯାୟୀ ହେବ। କିନ୍ତୁ ରାଜ୍ୟ ସରକାର ସମସ୍ତ ଆଇନ୍ କାନୁନକୁ ଉଲ୍ଲଙ୍ଘନ କରି ଶ୍ରୀମନ୍ଦିରର ଅତି ନିକଟରେ ଉଚ୍ଚଶକ୍ତିସମ୍ପନ୍ନ ମେସିନ୍ ଦ୍ୱାରା ଗଭୀର ଗର୍ତ୍ତ ଖନନ ତଥା ବୃହତ ନିର୍ମାଣର ଯୋଜନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାଦ୍ୱାରା ଶ୍ରୀମନ୍ଦିରର ମୂଳଭିତ୍ତି ଗଭୀର ଭାବେ ପ୍ରଭାବିତ ହୋଇଛି। ଉଚ୍ଚ ନ୍ୟାୟାଳୟରେ ASI ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠରୁ ଏହା ସ୍ପଷ୍ଟ ହୋଇଛି। କୌଣସି ଅଧିକୃତ ସଂସ୍ଥାର ଅନୁମତି ନଥାଇ ରାଜ୍ୟ ସରକାର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଶ୍ରୀକ୍ଷେତ୍ର ପୁରୀ ଏକ ସାଂସ୍କୃତିକ ତଥା ଆଧ୍ୟାତ୍ମିକ କ୍ଷେତ୍ର ଅଟେ। ଶ୍ରୀମନ୍ଦିର ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ। ମନ୍ଦିର ଚତୁର୍ପାର୍ଶ୍ୱରେ ବିଦେଶୀ ଗଛ ଲଗାଇ ଏହାକୁ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରାଯାଉଛି। ସୌନ୍ଦର୍ଯ୍ୟକରଣ ନାଁରେ ମଠ, ମନ୍ଦିରକୁ ଭାଙ୍ଗି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଧ୍ୱଂସ କରୁଛି ଆଧୁନିକ କଳାପାହାଡ଼ ଏ ରାଜ୍ୟ ସରକାର। ଏହି କାର୍ଯ୍ୟ ରାଜ୍ୟ ସରକାରକୁ ପରିଚାଳିତ କରୁଥିବା ଓଡ଼ିଆ ସଂସ୍କୃତି ଉପରେ ଜ୍ଞାନ ନଥିବା ମୁଷ୍ଟିମେୟ ଅଣଓଡ଼ିଆ ଅଧିକାରୀମାନଙ୍କର ଜିଦ୍ କାରଣରୁ ହେଉଅଛି। କିଛି ନ୍ୟସ୍ତସ୍ୱାର୍ଥ ଓଡ଼ିଆ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଓଡ଼ିଆଙ୍କ ଅସ୍ମିତା, ସଂସ୍କୃତି ଓ ପରିଚୟକୁ ଧ୍ୱଂସ କରିବାର ସୁପରିକଳ୍ପିତ ଷଡ଼ଯନ୍ତ୍ର ପଛରେ କାହାର ସ୍ୱାର୍ଥ ନିହିତ ଅଛି ? ଏହି କାର୍ଯ୍ୟକୁ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ଦୃଢ଼ ନିନ୍ଦା ତଥା ବିରୋଧ କରିଛି। ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇଥିଲେ ମଧ୍ୟ ତାହା ଖାରଜ ହୋଇଯାଇଛି। କାର୍ଯ୍ୟ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସାଧାରଣ ଜନତାଙ୍କ ଦ୍ୱାରା ଅଧିକରୁ ଅଧିକ ଚିଠି ଲେଖାଯିବ। ବ୍ଲକସ୍ତରରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ଗଣଧାରଣା, ବୁଦ୍ଧିଜୀବୀ ସଂଗୋଷ୍ଠୀ, ସନ୍ଥ ସମ୍ମିଳନୀ, ମାତୃଶକ୍ତି ଜାଗରଣ ଇତ୍ୟାଦି କାର୍ଯ୍ୟକ୍ରମ ମଧ୍ୟ କରାଯିବ। ଶ୍ରୀମନ୍ଦିର ହେଉଛି ଆମ ପୂର୍ବପୁରୁଷମାନଙ୍କର ଆମ ପ୍ରତି ଏକ ଅମୂଲ୍ୟ ଉପହାର, ଯାହାକୁ ପରପୀଢ଼ୀକୁ ପହଚାଂଇବାର ଦାୟିତ୍ୱ ଆମର। ଆମର ପରିଚୟ ତଥା ସଂସ୍କୃତିର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କର ଏଭଳି ଅବୈଧ ମନୋମୁଖୀ କାର୍ଯ୍ୟ ବିରୋଧରେ ସ୍ୱରଉତ୍ତୋଳନ କରି 'ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ'ରେ ସାମିଲ ହେବା ପାଇଁ ଅଭିଯାନର ସଂଯୋଜକ ବିନୟ କୁମାର ଭୂୟାଁ, ସହସଂଯୋଜକ ତନ୍ମୟ କୁମାର ଦାଶ ଏବଂ ବରିଷ୍ଠ ସଦସ୍ୟ ସୁମନ୍ତ କୁମାର ପଣ୍ଡା ଏହି ପ୍ରେସ ବିଜ୍ଞପ୍ତି ଜରିଆରେ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଚେକ୍ ବାଉନ୍ସ କେସ୍‌ରେ ଦଣ୍ଡବିଧାନ

ଘଷିପୁରା (ପିଏନ୍): କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ୍ ଆନନ୍ଦପୁର ଶାଖାରୁ ବ୍ୟବସାୟ ନିମନ୍ତେ ଆନନ୍ଦପୁର ବାସିନ୍ଦା ନିଶିକାନ୍ତ ଖୁଣ୍ଟିଆ ଋଣ ନେଇ ଖିଲାପ କରିଥିଲେ । ବ୍ୟାଙ୍କର ବାରମ୍ବାର ନୋଟିସ୍ ସତ୍ତ୍ୱେ ଋଣ ପରିଶୋଧ ନକରିବାରୁ ବ୍ୟାଙ୍କ୍‌ରେ ବନ୍ଧକ ଦେଇଥିବା ଚେକ୍ ବ୍ୟାଙ୍କ୍ ଅଧିକାରୀ ସମ୍ପୃକ୍ତ ବ୍ୟାଙ୍କକୁ କଲେକ୍ସନ ପାଇଁ ପଠାଇଥିଲେ। ମାତ୍ର ଆକାଉଣ୍ଟରେ ଆବଶ୍ୟକୀୟ ଅର୍ଥ ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ପରେ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆନନ୍ଦପୁର ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ କେସ୍ ଦାୟର କରାଯାଇଥିଲା। ଉକ୍ତ ଆଇସିସି କେସ୍ ନଂ ୩୫/୨୦୧୯ର ବିଚାର କରି ମାନ୍ୟବର ବିଚାରପତି ରଶ୍ମିରେଖା ପାତ୍ର ଗତ ମାସ ତା୦୪.୦୫.୨୦୨୨ରିଖରେ ଅଭିଯୁକ୍ତ ନିଶିକାନ୍ତ ଖୁଣ୍ଟିଆଙ୍କୁ ୪ ମାସ ଜେଲ୍‌ଦଣ୍ଡ ସହ ୮୫୦୦୦ ଟଙ୍କାର ଅର୍ଥ ଦଣ୍ଡ ଘୋଷଣା କରିଛନ୍ତି। ଅର୍ଥ ଅନାଦେୟ ଅତିରିକ୍ତ ୨୦ଦିନ ଜେଲ୍‌ଦଣ୍ଡ ଘୋଷଣା କରିଛନ୍ତି। ଉକ୍ତ ମାମଲା ବ୍ୟାଙ୍କ୍ ତରଫରୁ ଆନନ୍ଦପୁର ବାରର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ବେହେରା ପରିଚାଳନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅନୁଭବ - ବର୍ଷା ପାରିବାରିକ ବିବାଦ ମାମଲା

କଟକ, ୩।୬(ପି.ଏନ): ସାଂସଦ ଅନୁଭବ ମହାନ୍ତି- ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ ପାରିବାରିକ ବିବାଦ ମାମଲାରେ କଟକ ଏସଡିଜେଏମ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପତ୍ନୀ ବର୍ଷାଙ୍କୁ ବିକଳ୍ପ ରହଣି ପାଇଁ ପ୍ରଥମ ମାସର ୩୦ ହଜାର ଟଙ୍କା ଦେଇଛନ୍ତି ଅନୁଭବ । ସେ ଏହି ଟଙ୍କାକୁ ବର୍ଷାଙ୍କ ଆକାଉଂଟରେ ଡିପୋଜିଟ୍ କରିଛନ୍ତି । ଏ ବାବଦରେ ମଧ୍ୟ ସେ କୋର୍ଟଙ୍କୁ ଜଣାଇଥିବା କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ସାଂସଦ ଅନୁଭବ ମହାନ୍ତି- ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପାରିବାରିକ ବିବାଦ ମାମଲାରେ ଅନୁଭବଙ୍କ ଆବେଦନକୁ ଗତକାଲି ଗ୍ରହଣ କରିଥିଲେ କଟକ ଏସଡିଜେଏମ କୋର୍ଟ । ଏଥିସହ ଅନୁଭବଙ୍କ ପୈତୃକ ଘର ଛାଡିବାକୁ ବର୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ବର୍ଷାଙ୍କ ବିକଳ୍ପ ରହଣି ପାଇଁ ଅନୁଭବ ମାସିକ ୩୦ ହଜାର ଟଙ୍କା ଦେବେ । ପ୍ରତି ମାସର ୧୦ ତାରିଖ କିମ୍ବା ତା ପୂର୍ବରୁ ୩୦ ହଜାର ପ୍ରଦାନ ପାଇଁ ଅନୁଭବଙ୍କୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ଏପରିକି ପ୍ରଥମ ଟଙ୍କା ପାଇବାର ୨ ମାସ ମଧ୍ୟରେ ଘର ଘର ଛାଡିବାକୁ ବର୍ଷାଙ୍କୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅନୁପାଳନ କରି ଆଜି ବର୍ଷାଙ୍କ ଆକାଉଂଟରେ ପ୍ରଥମ ମାସର ୩୦ ହଜାର ଟଙ୍କା ଡିପୋଜିଟ୍ କରିଛନ୍ତି ଅନୁଭବ । ଏଠାରେ ଉଲ୍ଲେଖଯୋଗ୍ୟ, ବାପା ମା ବର୍ତ୍ତମାନ ଅସୁସ୍ଥ ଥିବାରୁ ବର୍ଷା ତାଙ୍କ ପୈତୃକ ଘର ଛାଡିବାକୁ ପୂର୍ବରୁ ଏସଡିଜେଏମ କୋର୍ଟରେ ଆବେଦନ କରିଥିଲେ ସାଂସଦ ଅନୁଭବ । ଏପରିକି ତା ବଦଳରେ ଅନ୍ୟତ୍ର ବର୍ଷାଙ୍କ ରହିବାର ଉପଯୁକ୍ତ ବ୍ୟବସ୍ଥା କରିବେ ବୋଲି ଆବେଦନରେ ଦର୍ଶାଇଥିଲେ ଅନୁଭବ ।

# ବଲାଙ୍ଗିର ସାଂସଦ ସଂଗୀତା ସିଂହଦେଓଙ୍କ ମେଡିକାଲ୍ କଲେଜ ହସ୍ପିଟାଲ ପରିଦର୍ଶନ, ଅଲଟ୍ରାସାଉଣ୍ଡ ଓ ଡାଇଲେସିସ ବିଭାଗର ସମସ୍ୟା ସମାଧାନ ପାଇଁ ପ୍ରତିଶୃତି ଦେଲେ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲର ଅଲଟ୍ରା ସାଉଣ୍ଡ ତଥା ଡାଇଲେସିସ ବିଭାଗ ବୁଲି ସମସ୍ତ ବ୍ୟବସ୍ଥା ଦେଖି ହସ୍ପିଟାଲ ସୁପରିଟେଣ୍ଡେଂଟ ମହେନ୍ଦ୍ର କୁମାର ନାୟକଙ୍କ ସହିତ କାର୍ଯ୍ୟର ସମୀକ୍ଷା କରିଥିଲେ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓ। ଏଠାରେ ଅଲଟ୍ରାସାଉଣ୍ଡ ବିଭାଗରେ କାମ କରୁଥିବା ଡାକ୍ତର କାମର ବୋଝ ପାଇଁ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରି ଲମ୍ବା ଛୁଟିରେ ଗଲା ପରେ ଅଚଳାବସ୍ଥା ଯୋଗୁ ବାହାରୁ ଦୁଇଦିନ ହେଲା ଅପରାହ୍ନରେ ଦୁଇଘଣ୍ଟା ପାଇଁ ବାହାରୁ ରେଡ଼ିଓଲୋଜିଷ୍ଟ ଅଣାଯାଇ କାମ ଚାଲିଥିବା ସୁପରିଟେଣ୍ଡେଂଟ ଡଃ. ଶ୍ରୀ ନାୟକ କହିଥିଲେ। ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଅନ୍ୟ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଛୁଟିରେ ଥିବା ଡାକ୍ତରଙ୍କ ସହିତ ଯୋଗାଯୋଗ କରିବାକୁ ସାଂସଦ କହିଥିଲେ। ସେ ନିଜେ ମଧ୍ୟ ପ୍ରଚେଷ୍ଟା କରିବେ ବୋଲି କହିଥିଲେ। ଏଠାରେ ଥିବା ଡ଼ାଇଲେସିସ ବିଭାଗର ଲାଗିଥିବା ୧୦ ଟି ମେସିନ ମଧ୍ୟରୁ ଦୀର୍ଘ ଦିନରୁ ଗୋଟିଏ ମେସିନ ଖରାପ ଥିବାରୁ ଅସେନ୍ତାଷ ପ୍ରକାଶ କରିଥିଲେ। ଏହି ବିଭାଗ ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ୩ ଟି ମେସିନ୍ ପାଇଁ ଜଣେ ଟେକନିସିଆନ ଚୁକ୍ତି ମୁତାବକ ଦରକାର ଥିବାବେଳେ ଦୁଇ ଜଣରେ କାମ ଚାଲିଥିବାରୁ ସେ ଅସନ୍ତୋଷ ପ୍ରକାଶ କରି ସଂସ୍ଥାର ମୁଖ୍ୟଙ୍କ ସହିତ କଥା ହୋଇ ୧୦ ତାରିଖ ସୁଦ୍ଧା ବ୍ୟବସ୍ଥା କରି ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ଥିବା ଏୟାରକଣ୍ଡିସନ କିଛି ଖରାପ ଥିଲା ବେଳେ ଚାଲିଥିବା ମେସିନ୍ ଥଣ୍ଡା ମୋଡ୍ ରେ ନଥାଇ ପବନରେ ଥିବାରୁ ଶୀତଳ ଲାଗୁନ ଥିବାରୁ ସେ ବିରକ୍ତ ପ୍ରକାଶ ସହିତ ରିମୋର୍ଟଟି ଷ୍ଟାଫ୍ ପାଖରେ ରଖି ଦୃଷ୍ଟିରେ ରଖିବା ପାଇଁ କହିଥିଲେ। ନିଜେ ସେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପତ୍ର ଲେଖି ଅସୁବିଧା ଶୀଘ୍ର କାର୍ଯ୍ୟକ୍ଷମ ହେବା ଦେଖିବେ ବୋଲି କହିବା ସହିତ ଏହି ବିଭାଗ ପାଇଁ ଅଭିଜ୍ଞ ଲୋକ ରଖି ସ୍ୱାକ୍ଷରିତ ଚୁକ୍ତି ମୁତାବକ କାର୍ଯ୍ୟ ପାଳନ ପାଇଁ କଥା ହୋଇଥିଲେ। ହସ୍ପିଟାଲ ପ୍ରଶାସନ ଠିକ୍ ଦିଗରେ ସ୍ୱଚ୍ଛତା ବଜାୟ ରଖି ନିଜେ ବିଭିନ୍ନ ବିଭାଗର କାମ ପ୍ରତି ଦୃଷ୍ଟି ଦେବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା, ନୂତନ ନିଯୁକ୍ତି ବ୍ୟବସ୍ଥା କରାଇବାକୁ ସେ କହିଥିଲେ।
ପରେ ନିଜର ପ୍ରତିକ୍ରିୟା ରଖି ସାମ୍ବାଦିକ ମାନେହିଁ ହେଉଥିବା ସମସ୍ୟା ଗୁଡିକ ସମାଧାନ କରିପାରିବେ ତେଣୁ ସ୍ଥାନୀୟ ଲୋକ ହିସାବରେ ଏ ଦିଗରେ ମିଳିମିଶି କାମ କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ମଣ୍ଡିରେ ଭିତିଭୂମିର ବିକାଶ ପାଇଁ ଦାବୀ

ଜୟପୁର, (ପି.ଏନ): ମଣ୍ଡିରେ ଭିତିଭୂମିର ବିକାଶ ପାଇଁ ଯୁବ ସଂଗଠନ ତରଫରୁ ଦାବୀ କରାଯାଇଛି । ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନଙ୍କ ଜରିଆରେ ଏ ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ସଂଗଠନର ଆବାହକ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଚାଷି ମାନେ ଦାବୀ ପତ୍ର ପ୍ରଦାନ କରିଛନ୍ତି ।ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଚଳିତ ବର୍ଷ ରବି ମଣ୍ଡି ଆରମ୍ଭ ହୋଇଥିବା ବେଳେ ପ୍ରତି ବର୍ଷ ଚାଷିଙ୍କ ଧାନ କ୍ରୟ ବେଳେ କଟନି ଛଟନି ପାଇଁ ବିବାଦ ଉପୁଜୁଛି । କ୍ୱିଂଟାଲ ପିଛା ଧାନ କାଟୁଥିବା ଚାଷି ମାନେ ଅଭିଯୋଗ କରିଛନ୍ତି । ପ୍ରଶାସନ ତରଫରୁ ଏଥି ପ୍ରତି କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ମଣ୍ଡିରେ ଯେତେ ଧାନ କ୍ରୟ ହେବ ତାହାର ୨ ପ୍ରତିଶତ ଟଙ୍କା ଆରଏମସିକୁ ପ୍ରଦାନ କରାଯାଉଛି । ଏପରି ଭାବେ କୋଟି କୋଟି ଟଙ୍କା ନେଉଥିବା ବେଳେ ମଣ୍ଡିର ବିକାଶ ହୋଇ ପାରୁ ନାହିଁ । ପ୍ରତ୍ୟେକ ବର୍ଷ ମଣ୍ଡିରେ ଅସ୍ଥାୟୀ ସେଡ କରାଯାଉଛି । କିନ୍ତୁ ସ୍ଥାୟୀ ଭାବେ କିଛି ପଦକ୍ଷେପ ନିଆଯାଉ ନାହିଁ । ପଡିଆରେ କେଉଁଠି ରାସ୍ତା କଡରେ ମଣ୍ଡି ଖୋଲାଯାଉଛି । ବର୍ଷା ଦିନ ଆରମ୍ଭ ହେବାର ଅଛି । ମଣ୍ଡି ସମୟରେ ବର୍ଷା ହେଲେ ଚାଷି ସେମାନଙ୍କ ଧାନ କେଉଁଠି ରଖିବେ । ବର୍ଷାରେ ଧାନ ଗଜା ହୋଇଗଲେ ଚାଷିର ବର୍ଷ ସାରାର କଷ୍ଟ ପାଣିରେ ପଡିବ, ସେଥିପାଇଁ କିଏ ଦାୟୀ ହେବ । ପ୍ରତ୍ୟେକ ମଣ୍ଡିରେ ସେଡ ନିର୍ମାଣ କଲେ ଚାଷି ମାନେ ଉପକୃତ ହୋଇଥାନ୍ତେ । ମଣ୍ଡିରେ ଭିତିଭୂମିର ବିକାଶ ପାଇଁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଦାବୀ ପତ୍ର ଗ୍ରହଣ କରି ଉପ ଜିଲାପାଳ ମଣ୍ଡିର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦେଇଛନ୍ତି ।

## ବିଶ୍ୱ ବାଇସାଇକେଲ ଦିବସ ପାଳନ

ପୁରୀ, (ପି.ଏନ); ଶୁକ୍ରବାର ବିଶ୍ୱ ବାଇସାଇକେଲ ଦିବସ ପାଳନ ଅବସରରେ ପୁରୀ ଜିଲ୍ଲା ପ୍ରଶାସନ, ଯୁବ ସେବା ଓ କ୍ରୀଡ଼ା ମନ୍ତ୍ରାଳୟ ଓ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସାଇକେଲ ଶୋଭାଯାତ୍ରାକୁ ଶ୍ରୀମନ୍ଦିର ନିକଟରୁ ପୁରୀ ଷ୍ଟାଡିୟମ ଅଭିମୁଖେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଷ୍ଟାଡିୟମ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥି ମାନେ ସାଇକେଲ ଚାଳନାର ଉପକାରିତା ଓ ଶରୀରକୁ ସୁସ୍ଥ ରଖିବାରେ ସାଇକେଲର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ମାନସ ରଂଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଚକ୍ରଧର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ,ଗଣମାଧ୍ୟମ ପ୍ରତିନିଧି ନୃସିଂହ ଚରଣ ମହାନ୍ତି, ବିଜୟ ପଟ୍ଟନାୟକ, ସୁଇମିଂ କୋଚ ରାଜୀବ ଲୋଚନ ଦାସ, ପ୍ରଶାନ୍ତ ମିଶ୍ର, ମନୋରଞ୍ଜନ ସୁନ୍ଦର ରାୟ ପ୍ରମୁଖ ସାଇକେଲ ଚାଳନା ର ଉପକାରିତା ସଂପର୍କରେ ଆଲୋକପାତ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ଜୟ ଶଙ୍କର ଯୋଶୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଏନ୍ ଏସ୍ ଏସ୍ ଅଫିସର ସୁକାନ୍ତ ମହାନ୍ତି ସଭା ପରିଚାଳନା କରିଥିଲେ।
ଏହି ଅବସରରେ କ୍ରୀଡ଼ାବିତ ମନୋଜ କୁମାର ପ୍ରଧାନ ଓ ଶଶି ଭୂଷଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ପ୍ରମୁଖ ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଆଫ୍ରିକାର କିଲିମାନ୍ଜୁ ପର୍ବତ ଶୃଙ୍ଗ ଅଭିମୁଖେ ଓଡ଼ିଆ ପୁଅ

ପୁରୀ, (ପି.ଏନ): ପୁରୀ ରଘୁରାଜପୁରର ଯୁବ ପର୍ବାତାରୋହୀ ଚିନ୍ମୟ ମହାରଣା ସାଉଥ୍ ଆଫ୍ରିକାର କିଲିମାନ୍ଜୁର ପର୍ବତ ଶୃଙ୍ଗ ଆରୋହଣ ଲକ୍ଷ୍ୟରେ ଯାତ୍ରା ଆରମ୍ଭ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସମର୍ଥ ବର୍ମା ଚିନ୍ମୟଙ୍କୁ ପୁଷ୍ପ ଗୁଚ୍ଛ ଉତରୀୟ ପ୍ରଦାନ କରିଥିଲେ। ଏଥିସହିତ ଯାତ୍ରାର ଶୁଭାରମ୍ଭ କରିବା ସହ ଶୁଭେଚ୍ଛା ଜଣାଇ ସଫଳତା କାମନା କରିଥିଲେ। ଚିନ୍ମୟ ଚଳିତ ମାସ ୫ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସାଉଥ୍ ଆଫ୍ରିକାର କିଲିମାନ୍ଜୁ ଶୃଙ୍ଗର ୧୯,୩୪୧ ଫୁଟ ଆରୋହଣ କରିବା ସହ ପର୍ବତ ଶିଖରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାଗାର୍ଜୁନ ବେଶର ପଟ୍ଟଚିତ୍ର ଓ ଜାତୀୟ ପତାକାକୁ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସାଉଥ୍ ଆଫ୍ରିକାର ଟୁର୍ ଆଣ୍ଡ ସଫାରୀ ପକ୍ଷରୁ ତାଙ୍କୁ ଅନୁମତି ପତ୍ର ମଧ୍ୟ ପ୍ରାପ୍ତ ହୋଇଛି। ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ଖଣି ନିଗମ ପକ୍ଷରୁ ତାଙ୍କୁ ସହଯୋଗ ପ୍ରଦାନ କରାଯାଇଛି। ସେହିପରି ଖେଲୋ ଇଣ୍ଡିଆ ପାଇଁ ଜିଲ୍ଲାରୁ ୧୮ ବର୍ଷରୁ କମ୍ ବର୍ଗରେ ସୌମ୍ୟରଞ୍ଜନ ଦାଶ ଓ ସତ୍ୟ ନାରାୟଣ ବେହେରା ହରିୟଣାର ପଚଂକୁଲାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବାରୁ ଜିଲ୍ଲାପାଳ ପୁଷ୍ପ ଗୁଚ୍ଛ ଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଆନ୍ତର୍ଜାତୀୟ ପର୍ବତାରୋହୀ ଗଣେଷ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।ପୂର୍ବରୁ ଶ୍ରୀ ମହାରଣା ପର୍ବତାରୋହଣ କୋର୍ସ କରିବା ପରେ ହିମାଚଳ ପ୍ରଦେଶର ସେତଧାରା, ମନାଲିର ଲାମ୍ବାଡୁଗ, ରାଣିସୁଇ, ଲାଦାଖର ଷ୍ଟକ୍ କାଂଗ୍ରି, ହିମାଳୟ ସିକିମର ପାଲୁଗଂ-୨ ଓ ୟୁନମ, ଉତର କାଶୀର ଦରଓ୍ୱା ଓ ରୁଦ୍ରୁ ଗଇରା ଶିଖରକୁ ସଫଳତାର ସହ ଅତିକ୍ରମ କରିଥିଲେ।

# ଶିଶୁ ଶ୍ରମିକ ନିରାକରଣ ନେଇ ସଚେତନତା ଶୋଭାଯାତ୍ରା

ଜୟପୁର, (ପି.ଏନ): ଶିଶୁ ଶ୍ରମିକ ନିରାକରଣ ନେଇ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି । ଜୟପୁର ସ୍ଥିତ ଜିଲା ଶ୍ରମ ଅଧିକାରି ପ୍ରସନ୍ନ ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଟ୍ରାଫିକ ଛକ ନିକଟରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ରଜାନହର ଠାରେ ପହଂଚି ଥିଲା । ଆସନ୍ତା ୧୨ ତାରିଖରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଏହି ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ, ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜନକୁ ବାରଣ କରିବା, ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏ଼ ଜୋରିମାନା ଦେବାକୁ ପଡିବ, କେବଳ ଜୋରିମାନା ନୁହେଁ ବରଂ ଶିଶୁ ଓ କିଶୋରଙ୍କୁ କୌଣସି କାର୍ଯ୍ୟରେ ନିୟୋଜନ କରୁଥିଲେ ୨ ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ମଧ୍ୟ ରହିଛି । ଏପରି ଭୁଲ ଦ୍ୱିତୀୟ ଥର ହେଲେ ୩ ବର୍ଷ ଯାଏ କାରାଦଣ୍ଡ ମଧ୍ୟ ହୋଇପାରିବ ଆଦି ଲୋକଙ୍କୁ ସଚେତନ କରାଯାଇଛି । ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ କରିବାକୁ ସଙ୍କଳ୍ପ କରାଯାଇଛି । ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ୧୦ ତାରିଖରେ ଜିଲା ସ୍ତରିୟ ସଚେତନତା ବୈଠକ ହେବା ନେଇ ସ୍ଥିର ହୋଇଛି ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହ ଶ୍ରମ ଅଧକାରି ପଦ୍ମ ଚରଣ ପଣ୍ଡା, ଚୈତନ୍ୟ ପ୍ରସାଦ ମାଝି, ପ୍ରୋଗ୍ରାମ ମ୍ୟାନେଜର ବିନାୟକ ସାନ୍ତ୍ରା, ଲେବର ଇନ୍ସପେକ୍ଟର ପୂର୍ଣ୍ଣମା ଡୁରୁକା ସିଡବ୍ଲୁସି, ଚାଇଲ୍ଡ ଲାଇନ, ପୋଲିସ, ସ୍ୱେଚ୍ଛାସେବି ଅନୁଷ୍ଠାନ ସିଓ୍ୱା, ସାହାଯ୍ୟର ସଦସ୍ୟ ମାନେ ଉପସ୍ଥିତ ରହି ସଚେତନତା ପ୍ଲା କାର୍ଡ ଧରି ଲୋକଙ୍କୁ ସଚେତନ କରିଥିଲେ ।

# କଳାହାଣ୍ଡି ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଡ ବ୍ଲୁ ଓ ଡି ସି ଅଧ୍ୟକ୍ଷଙ୍କ କ୍ଷେତ୍ର ପରିଦର୍ଶନ

ଭବାନୀପାଟଣା , (ପି.ଏନ): ଆଜି ଡବ୍ଲୁଓଡିସି ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଜିଲ୍ଲାର ବିଭିନ୍ନ ଉଦ୍ୟୋଗୀଙ୍କ ୟୁନିଟ ସହ ସରକାରୀ ଅନୁଷ୍ଠାନ ପରିଦର୍ଶନ ପୂର୍ବକ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ ର ୧୦୦ ସିଟ୍ ବିଶିଷ୍ଟ ଛାତ୍ରାବାସର ଶିଳାନ୍ୟାସ କରିଥିଲେ । ପ୍ରଥମେ ଆଜି ସକାଳେ ୮.୩୦ ମି ସମୟରେ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ ପରେ ୧୦୦ ସିଟ ବିଶିଷ୍ଟ ସରକାରୀ ମେଡିକାଲ କଲେଜର ନିର୍ମାଣର ଶେଷ ପର୍ଯ୍ୟାୟ କାର୍ଯର ସମୀକ୍ଷା କରିଥିଲେ ।୭ କୋଟି ଅଟକଳ ବ୍ୟୟରେ ନିର୍ମାଣଧୀନ ଟାଉନହଲର କାର୍ଯ୍ୟର ଅଗ୍ରଗତି ଦେଖିଥିଲେ। ୧୧,୦୦୦ ବର୍ଗଫୁଟ ଜମିରେ ନିର୍ମାଣାଧୀନ ଏହି ଟାଉନ୍ ହଲ୍ ରେ ୫୦୦ ସିଟ୍ ଅଛି ଏଥିରୁ ବାଲକୋନୀ ୧୫୦ ସିଟ ଏବଂଗ୍ରାଉଣ୍ଡ ଫ୍ଲୋର ୩୫୦ ସିଟ ବ୍ୟତୀତ ସ୍ୱତନ୍ତ୍ର ଷ୍ଟେଜ, ଗ୍ରୀନ ରୁମ, ଗେଷ୍ଟ ରୁମ, ସୁଟ , ପାର୍କିଂ, ବେସ୍ ମେଣ୍ଟ , ଶୀତତାପନିୟନ୍ତ୍ରିତ, ଲାଇଟ୍, ସାଉଣ୍ଡର ବ୍ୟବସ୍ଥା ରହିଛି। ବିଏମ୍ ହାଇସ୍କୁଲ ପରିଦର୍ଶନ ରେ ପ୍ରଥମେ ଡବ୍ଲୁଓଡିସି ୮୮.୭ ଲକ୍ଷ ଅନୁଦାନରେ ନିର୍ମିତ ହେବାକୁ ଥିବା ଆର୍ଥିକ ଅନଗ୍ରସର ଛାତ୍ର ମାନଙ୍କ ପାଇଁ ୧୦୦ ସିଟ ବିଶିଷ୍ଟ ଛାତ୍ରାବାସର ଶିଳାନ୍ୟାସ କରିଥିଲେ ଯେଉଁଥିରେ ମୁଖ୍ୟ ଅତିଥି ରୂପେ ଲୋକସଭା ସାଂସଦ ବସନ୍ତ ପଣ୍ଡା ଯୋଗ ଦେଇଥିଲେ। ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ କଳାହାଣ୍ଡି ଜିଲ୍ଲାରେ ଡ ବ୍ଲୁ ଓ ଡି ସି ଦ୍ୱାରା ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେବା ସହ ସାମ୍ବାଦିକମାନଙ୍କ ର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥଲେ ।କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀ ସଞ୍ଜୟ ଶତପଥୀ ଙ୍କ ଦ୍ୱାରା ଆୟୋଜିତ ଏକ ସଭା ରେ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବୋଧନ କରି କଠିନ ପରିଶ୍ରମ ପୂର୍ବକ ପାଠ ପଢି ସମାଜରେ ପ୍ରତିଷ୍ଠିତ ହେବା ପାଇଁ କେବଳ ଚାକିରୀ ଏକ ମାଧ୍ୟମ ନୁହେଁ ,ଉଦ୍ୟୋଗୀ ହେବାକୁ ଚେଷ୍ଟା କରି ଅନେକଙ୍କୁ କର୍ମ ସଂସ୍ଥାନ ର ସାହାଯ୍ୟ କରନ୍ତୁ ବୋଲି କହିଥିଲେ ।ସରକାରୀ ପଲିଟେକନିକ୍ ଅନୁଷ୍ଠାନ କୁ ପରିଦର୍ଶନ କରି ତାଲିମ୍ ନେଉଥିବା ଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉକଲ୍ରୋ ଏଆରଷ୍ଟ୍ରିପର ଶେଷ ପର୍ଯ୍ୟାୟକାର୍ଯ୍ୟକୁ ପରିଦର୍ଶନ କରି ଏହାର ରନୱେ ବିସ୍ତାର କାର୍ଯ, ୨ଇ ଲାଇସେନ୍ସର ନିରାପତା ସମ୍ବଧୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। କେସିଙ୍ଗା ବ୍ଲକ କୋକୋମୁଣ୍ଡା ରେ ୫ କୋଟି ବ୍ୟୟରେ ନିର୍ମିତ ବିକାଶ ଜୈନ ଙ୍କ ପ୍ରୀତି କାଜୁ ଇଣ୍ଡଷ୍ଟ୍ରି ,କେସିଙ୍ଗା ସ୍ଥିତ ସାଇ କେଲ ଓ ରିକ୍ସା ପାଇଁ ଟାୟାର ଓ ଟ୍ୟୁବ୍ ତିଆରି କରୁଥିବା ବଂଶଲ୍ ଟାୟାର ଓ କୃଷି ସାମଗ୍ରୀ ନିର୍ମାଣ କରୁଥିବା ସୁବାସ ଆଇରନ ଏଣ୍ଡ ଅଗ୍ରିକଲ୍ଚରାଲ ଇଣ୍ଡଷ୍ଟ୍ରି କୁ ପରିଦର୍ଶନ ସହ ସୁବିଧା ଅସୁବିଧା କଥା ଆଲୋଚନା କରିଥିଲେ ।

## ବାରବାଟୀକୁ ଅଣାଗଲା ସୁପର ସପର , ବର୍ଷା ଜଳ ନିଷ୍କାସନ ହେବ ସହଜ

କଟକ/ଭୁବନେଶ୍ୱର, ୩।୬(ପି.ଏନ): ଅଷ୍ଟ୍ରେଲିଆରୁ ସ୍ୱତନ୍ତ୍ର ଭାବେ କଟକ ବାରବାଟୀକୁ ଅଣାଯାଇଛି ସୁପର ସପର। ବର୍ଷା ଯୋଗୁଁ ପଡିଆରେ ପାଣି ଜମି ରହିବା ସ୍ଥିତି ସୃଷ୍ଟି ହେଲେ ଅତ୍ୟାଧୁନିକ ସୁପର ସପର ଅତି କମ୍ ସମୟରେ ଜଳ ନିଷ୍କାସନ କରିପାରିବ। ଆଗକୁ ବାରବାଟୀରେ ଭାରତ-ସାଉଥ୍ ଆଫ୍ରିକା ଟି-୨୦ ମ୍ୟାଚ୍ ରହିଛି। ସେହି ସମୟରେ ବର୍ଷା ହେବାର ସମ୍ଭାବନା ଥିବାରୁ ମ୍ୟାଚ୍ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ସପର ଅଣାଯାଇଛି। ଅଷ୍ଟ୍ରେଲିଆର ସୋଖି କମ୍ପାନୀ ଏହି ସୁପର ସପର ତିଆରି କରିଛି। ଓସିଏ କର୍ତ୍ତୃପକ୍ଷ ୪୬ଲକ୍ଷ ଟଙ୍କା ଦେଇ ଏହି ସୁପର ସପରକୁ ଆଣିଛନ୍ତି। ଏହି ସୁପର ସପରର କ୍ଷମତା ୩ ଶହ ଲିଟର। ଏହି ୩ଶହ ଲିଟର ନିଷ୍କାସନ ପାଇଁ ସୁପର ସପର ମାତ୍ର ୨୭ସେକେଣ୍ଡ ସମୟ ନିଏ। ଶୁକ୍ରବାର ବାରବାଟୀରେ ଏହି ସୁପର ସପରର ଟ୍ରାଏଲ କରାଯାଇଛି। ସୋଖି କମ୍ପାନୀର ଅଧିକାରୀମାନେ ବାରବାଟୀରେ ସୁପର ସପରର ଟ୍ରାଏଲ କରିଛନ୍ତି ।ପୂର୍ବରୁ ବାରବାଟୀରେ ଗୋଟିଏ ସୁପର ସପର ଥିଲା। ଏବେ ଆଉ ଗୋଟିଏ ସୁପର ସପର ଆସିବା ଫଳରେ ପଡିଆରୁ ଜଳ ନିଷ୍କାସନ ତ୍ୱରିତ ଗତିରେ ହୋଇପାରିବ।

# ଶ୍ରୀମନ୍ଦିର ଦର୍ଶନ କଲେ ପ୍ରଣବ ପ୍ରକାଶ ଓ ୫-ଟି ସଚିବ

ପୁରୀ, ୩।୬(ପି.ଏନ): ଶ୍ରୀମନ୍ଦିର କରିଡ଼ର ଚାରିପଟେ ଚାଲିଥିବା ଭକ୍ତ ହିତକାରୀ କାର୍ଯ୍ୟକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସବୁଜ ସଙ୍କେତ ଦେଇଥିବାରୁ ଭକ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳି ଯୋଇଛି । ସୁପ୍ରିମକୋର୍ଟରେ ଆଦେଶ ପ୍ରକାଶ ହେବା ପରେ ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ବିଜେଡ଼ିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ହଠାତ ପୁରୀରେ ପହଂଚି ଶ୍ରୀମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । ଦର୍ଶନ କରିବା ପରେ ମନ୍ଦିରର ଚାରିପଟ ସୌନ୍ଦର୍ଯ୍ୟକରଣ କାମ ତଦାରଖ କରିଥିଲେ । ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଦେବାକୁ କୋର୍ଟଙ୍କୁ ଦୁଇଜଣ ଆବେଦନକାରୀ ପ୍ରାର୍ଥନା କରିଥିଲେ। କୋର୍ଟଙ୍କ ବହୁମୁଲ୍ୟ ସମୟ ନଷ୍ଟ କରିଥିବାରୁ ଦୁଇଜଣଙ୍କୁ ଏକଲକ୍ଷ ଟଙ୍କା ଲେଖାଏଁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭକ୍ତଙ୍କ ସାମୁହିକ ସୁବିଧା ପାଇଁ ପ୍ରକଳ୍ପ କାର୍ଯ୍ୟ ଜାରି ରହିବ । ଏ ସଂପର୍କରେ ପୁରୀ ସହରରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । କେତେକ ଭକ୍ତ ସୁପ୍ରିମକୋର୍ଟଙ୍କ ଆଦେଶକୁ ସ୍ୱାଗତ କରିଥିବା ବେଳେ ଅନ୍ୟ କେତେକ ଭକ୍ତ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ଆଶଙ୍କା ସୃଷ୍ଟି କରିଛନ୍ତି । ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏହି ଆଦେଶପ୍ରତି କିଛି ମନ୍ତବ୍ୟ ଦେଇନଥିବା ବେଳେ ଏଏସ୍ଆଇ ସଠିକ୍ ତଥ୍ୟ ଉପସ୍ଥାପନ କରିପାରିନାହିଁ ବୋଲି ଅଭିଯୋଗ କରିଛନ୍ତି ।

# ୫ ଦିନ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୩।୬(ପି.ଏନ): ସଂପ୍ରତି ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଥିବା ବେଳେ ଉପକୂଳ ଓଡ଼ିଶାରେ ଅସହ୍ୟ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ଏ ପରିସ୍ଥିତିରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଂଜ, ଅନୁଗୁଳ, ଢ଼େଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୧୧ ଟି ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୪ ରୁ ୫ ତାରିଖ ମଧ୍ୟରେ କୋରାପୁଟ, ରାୟଗଡ଼ା,ଗଜପତି, କନ୍ଧମାଳ , ବୌଦ୍ଧ , ଅନୁଗୁଳ , ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






## ଯୁବତୀଙ୍କୁ ମାରି ଗଛରେ ଝୁଲାଇ ଦେଇଥିବା ଅଭିଯୋଗ

ହାଟଡିହି,(ପି.ଏନ):ହାଟଡିହି ବ୍ଲକ ମିଠିଗାଁ ଗ୍ରାମ ଶୀଳପୋଖରୀ ସାହିର ଏକ ଯୁବତୀଙ୍କ ମୃତଦେହ ଘଷିପୁରା ଥାନା ଅଂଚଳ ସାଲୁକାଡିହ ଗ୍ରାମ ପାଖ ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ମିଳିଛି । ଖବର ଅନୁଯାୟୀ ସୋସୋ ଥାନା ଅଧିନ ସଢା ପଂଚାୟତ ମିଠିଗାଁ ଗ୍ରାମ ଶୀଳପୋଖରୀ ସାହିର ବାଜୁରାମ ହାଁସଦାଙ୍କ ଝିଅ ଜସ୍ମିନ ଆଗରପଡାରେ ପାଠ ପଢୁଥିବା ସମୟରେ ଘଷିପୁରା ଥାନା ଅଂଚଳ ସାଲୁକାଡିହ ଗ୍ରାମର ବାଘରାଇ ମୁର୍ମୁଙ୍କ ପୁଅ ପାରାନୁକୁ ଭଲ ପାଉଥିଲେ । ଗତ ସୋମବାର ଦିନ ଧକୋଠା ଗ୍ରାମ ପାଖରେ ପାରାନୁ ଓ ଜସ୍ମିନ୍ ଝଗଡା ଲାଗୁଥିବା ଲୋକେ ଦେଖି ଘଷିପୁରା ପୋଲିସକୁ ଖବର ଦେଇଥିଲେ । ପୋଲିସ୍ ଘଟଣା ସ୍ଥଳରେ ପହଂଚି ଉଭୟଙ୍କୁ ଥାନାକୁ ନେଇ ଆସିଥିଲେ । ପରେ ପରେ ଉଭୟଙ୍କୁ ବୁଝାସୁଝା କରି ଘରକୁ ବିଦା କରି ଦେଇଥିଲେ । କିନ୍ତୁ ସେହିଦିନ ରାତିରେ ଜସ୍ମିନର ମୃତଦେହ ସାଲୁକାଡିହ ଗ୍ରାମ ନିକଟ ଜଙ୍ଗଲର ଏକ ଗଛ ଡାଳରେ ଝୁଲୁଥିବା ଖବର ପୋଲିସ୍ ପାଇ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିଥିଲା । ଶବ ବ୍ୟବଛେଦ କରିବା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇ ଦେଇଥିଲେ । ଏ ବାବଦରେ ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଂଚି ତାଙ୍କ ଝିଅ ଆମହତ୍ୟା କରିନାହିଁ ତାକୁ ପ୍ରେମିକ ସମେତ ତାଙ୍କ ପରିବାର ଲୋକେ ମାରି ଗଛ ଡାଳରେ ଝୁଲାଇ ଦେଇଥିବା ଘଷିପୁରା ଥାନାରେ ଅଭିଯୋଗ କରିଛନ୍ତି ଜସ୍ମିନର ଭାଇ ଚୈତନ୍ୟ । ଉକ୍ତ ଘଟଣାର ଅନୁସନ୍ଧାନ ଜାରି ରଖିଛି ଘଷିପୁରା ପୋଲିସ୍ ।

## ପୋଖରୀରରେ ବୁଡି ୭ ବର୍ଷ ବାଳକର ମୃତ୍ୟୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଥିରା ପଂଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ପୋଖରୀରେ ଗାଧୋଉଥିବା ବେଳେ ବୁଡିଯାଇ ଜଣେ ୭ ବର୍ଷର ବାଳକର ମୃତ୍ୟୁ ଘଟିଛି । ଶ୍ୟାମସୁନ୍ଦରପୁର ଗ୍ରାମର ସୁବାଷ ଚନ୍ଦ୍ର ପାଳଙ୍କ ପୁଅ ଓମ ପ୍ରକାଶ(୭) ଶୁକ୍ରବାର ସ୍କୁଲରୁ ଫେରି ସାଙ୍ଗ ମାନଙ୍କ ସହିତ ଯାଇ ଗାଁ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବସତ ପୋଖରୀରେ ବୁଡିଯାଇଥିଲା । ପାଣିରେ ବୁଡିଯାଉଥିବା ଦେଖି ସ୍ଥାନୀୟ ଲୋକେ ପାଣିରୁ ଓମକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାଲିସାହି ମେଡିକାଲ ଓ ପରେ ଧର୍ମଶାଳା ମେଡିକାଲରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏନେଇ ଜେନାପୁର ପୋଲିସ ୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ଲାଗି ବଡଚଣା ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି । ଏହି ଘଟଣା ପରେ ଶ୍ୟାମସୁନ୍ଦରପୁର ଗ୍ରାମରେ ଶୋକରଛାୟା ଖେଳିଯାଇଛି ।

## ମା'ଦ୍ୱାରଶୁଣୀ ବନଦେବୀ କମିଟି ଓ ଏଆରଏସ୍ଏସ୍ ମଧ୍ୟରେ ସମସ୍ୟାର ସମାଧାନ

ଆନନ୍ଦପୁର,(ପି.ଏନ):ଆଜି ଛେନାପଦି ହଦଗଡ ରାସ୍ତାରେ ଥିବା ମା'ଦ୍ୱାରଶୁଣି ମଠ ଗୋବିନ୍ଦପୁର ବନଦେବୀଙ୍କ କମିଟି ଓ ଏଆରଏସ୍ଏସ୍ କମ୍ପାନୀ ମଧ୍ୟରେ ଦୀର୍ଘଦିନ ଲାଗି ରହିଥିବା ସମସ୍ୟାର ସମାଧାନ ହେବା ସହିତ ଆନନ୍ଦପୁର ବ୍ୟାରେଜ୍ ଡିଭିଜନ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସହଯୋଗରେ କେନାଲ ରାସ୍ତା ପାଇଁ ମନ୍ଦିରକୁ ସ୍ଥାନାନ୍ତରିତ କରିବା ସହିତ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ମା'ବନଦୁର୍ଗା ମନ୍ଦିରର ପୁରୋହିତ ଦନେଇ ଦେହୁରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଶୁଭ ଦିଆଯାଇଥିଲା । ଆନ୍ଦପୁର ବ୍ୟାରେଜ ଡିଭିଜନ ଓ ଏଆରଏସ୍ଏସ୍ ଉକ୍ତ ନୂତନ ମନ୍ଦିର ନିର୍ମାଣ ପାଇଁ ସମସ୍ତ ପ୍ରକାର ସହଯୋଗ କରିବା ସହିତ କେନାଲ କାର୍ଯ୍ୟ ଶୀଘ୍ର କିପରି ଶେଷ ହୋଇପାରିବ ଏଆରଏସ୍ଏସ୍ କମ୍ପାନୀକୁ ପୂଜା କମିଟି ତରଫରୁ ସମସ୍ତ ସହଯୋଗ କରାଯିବ ବୋଲି ସମିତିସଭ୍ୟ କୈଳାସ ରାଉତ ପ୍ରକାଶ କରିଥିଲେ । ମା' ବନଦେବୀ ମନ୍ଦିରର ସମସ୍ତ କର୍ମକ□ା ଉପସ୍ଥିତ ରହିଥିବା ବେଳେ ସମାଜସେବୀ ନାରାୟଣ ଜେନା, ବିପିନି ସା, ଅନନ୍ତ ମୁଦୁଲି, ଗଦାଧର ସା, ରତିକୃଷ୍ଣ ସା ପ୍ରମୁଖ ମନ୍ଦିରର ଶୁଭ ପ୍ରତିଷ୍ଠାରେ ସହଯୋଗ କରିବା ସହିତ ନୂତନ ମନ୍ଦିର ପାଇଁ ଏଆରଏସ୍ଏସ୍ କମ୍ପାନୀ କ□ୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ରଥ ସଚେତନତା ରଥ ଶୁଭାରମ୍ଭ




ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ମହକୁମାସ୍ଥିତ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ସହଯୋଗରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଶିଶୁ ଶ୍ରମ ଉଚ୍ଛେଦ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏ ନେଇ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏକ ଶିଶୁ ଶ୍ରମ ନିରାକରଣ ସଚେତନତା ରଥ ଓ ରାଲିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଜିଲ୍ଲାକୁ ବିଭିନ୍ନ ସ୍ତରରେ ସମସ୍ତ ମ୍ୟୁନିସପାଲିଟି ଓ ବିଜ୍ଞାପିତ ପରିଷଦରେ ଏକ ଶିଶୁ ଶ୍ରମ ମୁକ୍ତ କରିବାକୁ ପଦକ୍ଷେପ ନେବା ପାଇଁ ସ୍ଥିର କରାଯାଇଛି । ଏଥିରେ ଶିଶୁ ଶ୍ରମ ନିରାକରଣ ଦିଗରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ଅଗ୍ରଣୀ ସଙ୍ଗଠନ ଯଥା - ପିକକ,ଏଡ ଏଟ ଆକ୍ସନ ଓ ଆଇଜେଏମ କୁ ସହଯୋଗ ଯୋଗାଇବା ସହ ସମ୍ମିଳିତ ଉଦ୍ୟମଆରମ୍ଭ କରାଯାଇଛି ।ଉତ୍ସବରେ ମଣ୍ଡଳ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର,ଶ୍ରମ ବିଭାଗର ପଦାଧିକାରୀ ପ୍ରଭାକର ବିଶ୍ୱାଳ,ମୋନାଲିସା ଜେନା,ରଶ୍ମିତା ପାତ୍ର,ପ୍ରଜ୍ଞା ପାରମିତା ସାହୁ,ବିକାଶ କୁମାର ନାୟକ,କାଳୀପୁତ୍ର କୁଳଦୀପ ପ୍ରସାଦ ତଥା କର୍ମକର୍ତା ଲମ୍ବୋଦର ରାଉତ, ସମାଜସେବୀ ସଂଯୁକ୍ତା ମହଲ,ଜୟକୃଷ୍ଣ ମହାପାତ୍ର,ବିକ୍ରମ ସାମଲ,ଅଶୋକ ସାହୁ,ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା ଅଧିକାରୀ ,ଚାଇଲଡ ହେଲ୍ପ ଲାଇନର କର୍ମକର୍ତା,ଟ୍ରେଡ ୟୁନିୟନର କର୍ମକର୍ତା ଓ ଏନଜିଓ ମାନେ ଯୋଗ ଦେଇଥିଲେ ।

## ଖୁବ୍ କମ୍ ବୟସରୁ ଜୀବନକୁ ବାଜି ଲଗାଇ ବିଷାକ୍ତ ସାପ ଧରୁଛନ୍ତି ନାଦିର

ଗୋଳାବନ୍ଧ,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ମୁସଲିମ୍ ସାହିରେ ବସବାସ କରି ରହୁଥିବା ଭାରି ଅଭାବି ପରିବାରର ପିଲାଟିଏ ସେକ୍ ନାଦିର । ବାପାଙ୍କ କମ୍ ରୋଜଗାର ଯୋଗୁଁ ପାଠପଢାରେ ଡୋରି ପଡିଥିଲା ତାଙ୍କର । ନିଜର ପ୍ରଚେଷ୍ଟା, ସାହସ ଓ ଉଦ୍ୟମ ଯୋଗୁଁ ସାପ ଧରିବା ସଉକକୁ ଆପଣେଇ ନେଇଥିଲେ । ୧୫/୧୬ ବର୍ଷରୁ ସେ ସାପ ଧରିବା କାର୍ଯ୍ୟ ଆରମ୍ଭ କରିଥିଲେ । ପ୍ରଥମେ ପ୍ରଥମେ ସେ ବିଷ ନଥିବା ସାପକୁ ଧରିବା ଆରମ୍ଭ କରି ପରେ ପରେ ସବୁ ପ୍ରଜାତି ସାପ ରଣା, ଚିତି, ଗୋଖର, ନାଗ ଆଦି ସାପକୁ ସୁରକ୍ଷିତ ଭାବେ ଧରି ଜଙ୍ଗଲରେ ଛାଡୁଛନ୍ତି । ବ□ମାନ ଅସହ୍ୟ ଗରମ ଯୋଗୁଁ ଦୈନିକ ସାପ ବାହାରୁଛନ୍ତି । ଢେଙ୍କିକୋଟ ତଥା ଆଖପାଖ ଅଂଚଳରେ କାହା ଘରୁ ସାପ ବାହାରିଲେ ଖବର ପାଇବା ମାତ୍ରେ ବିନା ମୂଲ୍ୟରେ ସେ ଯାଇ ସାପକୁ ଧରି ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡିବା ସହିତ ଲୋକଙ୍କ ଜୀବନ ବ□ାଉଛନ୍ତି । ସେଥିପାଇଁ ତାଙ୍କୁ ଢେଙ୍କିକୋଟ ବଣିକ ସଂଘ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । ତାଙ୍କର ଏଭଳି ପ୍ରତିଭା ପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି ।

## ପାରାଦୀପରେ ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନକୁ ଦାବୀପତ୍ର ପ୍ରଦାନ

ପାରାଦୀପ,(ପି.ଏନ): ପାରାଦୀପ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ପାରାଦୀପର ଅଠରବାଙ୍କୀ ଠାରୁ ନେହେରୁ ବଙ୍ଗଳା, ଅଠରବାଙ୍କୀ ଠାରୁ ଦୋଛକି, ଟର୍ମିନାଲ ଛକରୁ ରଙ୍ଗିଆଗଡ, ଦୋଛକିରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତା ଏବେ ଭାରିଯାନ ଦଖଲରେ । ରାସ୍ତା କଡରେ ମାଳମାଳ ଟ୍ରକ୍ ସମେତ ଅନ୍ୟ ଭାରିଯାନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ସାଧାରଣ ଲୋକ ଏହି ରାସ୍ତାରେ ଯିବାଆସିବା କରିବା ବେଳକୁ ଭଗବାନଙ୍କୁ ଡାକି ଯାଆଆସ କରୁଛନ୍ତି । ବିଗତ ୫ ବର୍ଷର ରିପୋର୍ଟରୁ ଜଣାପଡେ ଯେ, ସଡକ ଦୂର୍ଘଟଣାରେ ପ୍ରାୟ ୬୨ ଜଣଙ୍କର ମୃତ୍ୟୁ ଘଟିଲାଣି । କେତେଯେ ଦୂର୍ଘଟଣାରେ ଅର୍କମଣ୍ୟ ହେଲେଣି ତାର ହିସାବ ନାହିଁ । ପାରାଦୀପର ବିଭିନ୍ନ ଗଣଅନୁଷ୍ଠାନ ପକ୍ଷରୁ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ଏବଂ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରାଯାଇଛି । ହେଲେ ଆଜି ଯାଏ ଏହି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । ଏହି ସମସ୍ୟାକୁ ପ୍ରତିଦିନ ଗଣମାଧ୍ୟମରେ ସ୍ଥାନିତ କରୁଥିବା ପାରାଦୀପର ଗଣମାଧ୍ୟମର ପ୍ରତିନିଧି ତଥା କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁତ୍ୱର ସହ ନେଇଛନ୍ତି । ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ଦାବୀପତ୍ର ଗୁରୁବାର ଦିନ ଜଗତସିଂହପୁରର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍□ ନେଇଥିଲେ । ଏହିକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁବାର ଦିନ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ଆଗାମୀ ୭ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ଯଦି ଏ ଦିଗରେ କୌଣସି ପଦକ୍ଷେପ ନ ନିଏ ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବାଧ ହୋଇ ଜାତୀୟ ରାଜପଥ ଅବରୋଧ କରିବାକୁ ଏହି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବୀପତ୍ର ଗୁରୁବାର ଦିନ ପ୍ରଦାନ କରିବା ସମୟରେ ଉପସ୍ଥିତ ରହିବାକୁ ବୁଧବାର ଦିନ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କୁ କୁହାଯାଇଥିଲା । ହେଲେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ନିର୍ଦ୍ଧାରିତ ସମୟରେ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରିବାକୁ ଯିବା ବେଳେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ । ପାରାଦୀପ ଏକ ଆର୍ନ୍ତଜାତୀୟ ବନ୍ଦର ହୋଇଥିବା ବେଳେ ଏହାର ଉନ୍ନତି ପାଇଁ କାର୍ଯ୍ୟରତ ସାମ୍ବାଦିକଙ୍କ ଦାବୀପତ୍ର ଗ୍ରହଣ କରିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତି ପ୍ରଶାସନିକ ଉଦାସୀନତାର ଏକ ନଗ୍ନ ନମୁନା ବୋଲି ଚର୍ଚ୍ଚା ହେଉଛି ।

## ଧର୍ମଶାଳା କଂଗ୍ରେସ ପକ୍ଷରୁ ନବନିଯୁକ୍ତ ସଭାପତିଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆଜି ନବନିଯୁକ୍ତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବ୍ଲକ କଂଗ୍ରେସ କମିଟି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଭୁବନେଶ୍ୱର ସ୍ଥିତ ବାସଭବନରେ ଭେଟି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ ତୃଣମୂଳସ୍ତରରୁ ଦଳର ସଂଗଠନକୁ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡା, ପ୍ରଫୁଲ୍ଲ କୁମାର ରାୟ, ନରୋତମ ନାୟକ, ନକୁଳ ଜେନା, ଦୀପକ ବଳ, ଅମରେନ୍ଦ୍ର ସାମଲ, ଦେବାଶିଷ ପରିଡା ଓ କାର୍ତିକ ସାହୁ ପ୍ରମୁଖ ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ଛାତ୍ରୀଙ୍କ କୃତିତ୍ୱ ହାସଲ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ଶ୍ରେଣୀର ଛାତ୍ରୀ ସୁଚିସ୍ମିତା ତରାଇ ୨୦୨୧/୨୨ ବର୍ଷର ଏନଆରଟିଏସ ପରୀକ୍ଷା ଓ ପଠାଣୀ ସମାନ୍ତ ଗଣିତ ମେଧାବୃତିରେ କୃତିତ୍ୱ ହାସଲ କରିଛନ୍ତି । ଧର୍ମଶାଳା ଚୋରମୁହାଁ ପଂଚାୟତ ବଡମଙ୍ଗଳପୁର ଗ୍ରାମର ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ ଓ ଆଇନଜୀବୀ ସନ୍ତୋଷ କୁମାର ତରାଇଙ୍କ କନିଷ୍ଠ କନ୍ୟା ହେଉଛନ୍ତି ସୁଚିସ୍ମିତା । ତାଙ୍କ ସଫଳତା ପାଇଁ ସୁଚିସ୍ମିତା ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଓ ପରିବାର ବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି । ଫଳାଫଳ ପ୍ରକାଶ ପାଇବା ପରେ ସ୍ଥାନୀୟ ଅଂଚଳର ବହୁ ଶୁଭେଚ୍ଛୁ ତାଙ୍କୁ ବଧେଇ ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## କ୍ରସର ମ୍ୟାନେଜରଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ରାହାଡପୁରସ୍ଥିତ ଏକ କ୍ରସରରେ ଦାଦାବଟି ଆଦାୟ କେନ୍ଦ୍ର କରି ମ୍ୟାନେଜରଙ୍କୁ ମରଣାନ୍ତକ ଅକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ରାହାଡପୁରସ୍ଥିତ ଅକ୍ଷୟ ପରୀଡା ଙ୍କ କ୍ରସରରେ କାମ କରୁଥିବା ଧର୍ମଶାଳା ଥାନା ପାଖର ପଂଚାୟତ ଗ୍ରାମର ସମିତିସଭ୍ୟା ମଲିକା ପରିଡାଙ୍କ ସ୍ୱାମୀ ସଂଗ୍ରାମ ପରିଡା ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି । ଗତ ୨୬ ତାରିଖରେ ସେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ କେତେକ ଦୁବୃତ ତାଙ୍କୁ ଅଟକାଇ ଅକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଦାଦାବଟି ଆଦାୟକୁ କେନ୍ଦ୍ର କରି ଦୃର୍ବୃତମାନେ ଏଭଳି କାଣ୍ଡ ଭିଆଇଥିବା ଜଣାପଡିଥିଲା । ଏନେଇ ଆହତ ସଂଗ୍ରାମଙ୍କ ଭାଇ ସରୋଜ ପରୀଡା ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଜେନାପୁର ଥାନା ପୋଲିସ ୧୪୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପୋଲିସ ତଦନ୍ତ ବେଳେ ଏହି ଘଟଣାରେ ସମ୍ପୃକ୍ତ ଏହି ଥାନା ଅନ୍ତର୍ଗତ ରମ୍ପେଇ ଗ୍ରାମର ସିବ ଜେନା, ତୁରଙ୍ଗ ଗ୍ରାମର କଜ୍ଜତରୁ ସ୍ୱାଇଁ ଓ କୋରେଇ ଥାନା ଅନ୍ତର୍ଗତ ତେନ୍ତୁଲିଖୁଂଟା ଗ୍ରାମର ରାଜେଶ କୁମାର ଜେନାଙ୍କୁ ଗତକାଲି ରାତିରେ ଗିରଫ କରିଥିଲା । ଆଜି ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଯୋଡା,(ପି.ଏନ):କେନ୍ଦୁଝର ଜିଲ୍ଲା ଯୋଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ନାୟକଙ୍କୁ ଆଜି ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ବିଇଓ କ୍ଷେତ୍ର ମୋହନ ହାଁସଦା ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କା□ିକ ଚନ୍ଦ୍ର ବେହେରା ଓ ପ୍ରଶାନ୍ତ କୁମାର ସେଠୀ ସମ୍ମାନୀତ ଅତିଥି ଭାବେ ମ□ାସୀନ ହୋଇଥିଲେ । ଅବସର ଗ୍ରହଣ କରିଥିବା ବିଦାୟୀ ଏ.ବି.ଓ. ଶ୍ରୀଯୁକ୍ତ ନାୟକ ଯୋଡା ବ୍ଲକରେ ଦୀର୍ଘ ଏକ ବର୍ଷ ତିନି ମାସ ତାଙ୍କର କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ସହିତ ଜଣେ ମେଳାପୀ, ମିଷ୍ଟଭାଷୀ ଓ କର୍ମଠ ଭାବେ ତାଙ୍କର କାର୍ଯ୍ୟ ଶେଷ କରିଥିବାରୁ ଉପସ୍ଥିତ ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟତ୍ରୀମାନେ ଭୂୟସୀ ପ୍ରଶଂସା କରିଥିଲେ । ଶ୍ରୀଯୁକ୍ତ ନାୟକ ଜଣଏ ଶିକ୍ଷକରୁ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତି ପାଇ ଯୋଡା ବ୍ଲକରୁ ନିଜର କାର୍ଯ୍ୟକାଳ ଶେଷ କରିଥିବାରୁ ଓ ଏହି ବ୍ଲକର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ତାଙ୍କ ପ୍ରତି ଭଲ ପାଇବା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଭାବ ବିହ୍ୱଳ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ସମ୍ବର୍ଦ୍ଧନା ସଭାରେ ୧୪ଟି କ୍ଲଷ୍ଟର ସିଆରସିସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷକ ସଂଘର କର୍ମକ□ା ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାଏକ, ପୁରନ୍ଦର ଗିରି, ଦୀନବନ୍ଧୁ ପତି, ପ୍ରତିମା ସାବତ, ଧ୍ରୁବ ଚରଣ ପାତ୍ର, ବସନ୍ତ ପୃଷ୍ଟି, ଅକ୍ଷୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଯୋଡା ବ୍ଲକର ୧୪ଟି କ୍ଲଷ୍ଟର ସିଆରସିସି ମାନଙ୍କ ତରଫରୁ ମାନପତ୍ର ଓ ଉପହାର ପ୍ରଦାନ କରିବା ସହିତ ତାଙ୍କର ପାରିବାରିକ ଜୀବନ ତଥା ତାଙ୍କ ଅବଶିଷ୍ଟ ଜୀବନ ସୁଖମୟ ଓ ଶାନ୍ତିମୟ ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଶେଷରେ ବିଇଓ ଶ୍ରୀଯୁକ୍ତ କ୍ଷେତ୍ର ମୋହନ ହାଁସଦା ଉପସ୍ଥି ସମସ୍ତ ସିଆରସିସି, କାର୍ଯ୍ୟାଳୟ କର୍ମଚାରୀ, ଶିକ୍ଷକ ସଂଘର କର୍ମକ□ା ମାନଙ୍କୁ ଏ ପ୍ରକାର ଆୟୋଜନ କରି ସଫଳ କରିଥିବାରୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ ଘୋଷଣା କରିଥିଲେ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray